
# ବିଦ୍ରୋହୀ ଓ ଅନ୍ୟାନ୍ୟ କବିତା

## କାଜି ନଜ୍‌ରୁଲ୍ ଇସ୍‌ଲାମ୍



OR
891.441
N 239 B

OR
891.441
N 239 B

ଅନୁବାଦ ।। ବିନୋଦ ଚନ୍ଦ୍ର ନାୟକ

# ବିଦ୍ରୋହୀ ଓ ଅନ୍ୟାନ୍ୟ କବିତା

କାଜି ନଜ୍‌ରୁଲ୍ ଇସ୍‌ଲାମ୍

ଅନୁବାଦ

ବିନୋଦ ଚନ୍ଦ୍ର ନାୟକ

ସାହିତ୍ୟ ଅକାଦେମି

*BIDROHI O ANYANYA KABITA*: Oriya translation by Binod Chandra Naik of a collection of Bengali poem by Kazi Nazrul Islam. Sahitya Akademi, New Delhi 2001. Price : Rs. 45.

© ସାହିତ୍ୟ ଅକାଦେମି

Library IIAS, Shimla
OR 891.441 N 239 B
00117829

ପ୍ରଥମ ପ୍ରକାଶ ୨୦୦୧

ISBN : 81-260-1228-5

ସାହିତ୍ୟ ଅକାଦେମି
ରବୀନ୍ଦ୍ର ଭବନ, ୩୫ ଫିରୋଜ ସାହ ରୋଡ଼, ନୂଆ ଦିଲ୍ଲୀ ୧୧୦୦୦୧
ବିକ୍ରୟ କେନ୍ଦ୍ର :'ସ୍ୱାତୀ', ମନ୍ଦିର ମାର୍ଗ, ନୂଆ ଦିଲ୍ଲୀ ୧୧୦୦୦୧
ଜୀବନ ତାରା, ୨୩ଏ/୪୪ ଏକ୍ସ, ଡାଇମଣ୍ଡ ହାର୍‌ବର୍ ରୋଡ଼, କୋଲକାତା ୭୦୦୦୫୩
ସି.ଆଇ.ଟି. କ୍ୟାମ୍ପସ, ଟି.ଟି.ଟି. ଆଇ ପୋଷ୍ଟ, ତାରାମଣି, ଚେନ୍ନାଇ ୬୦୦୧୧୬
୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ମୁମ୍ବାଇ ୪୦୦୦୧୪
ସେଣ୍ଟ୍ରାଲ କଲେଜ କ୍ୟାମ୍ପସ, ୟୁନିଭର୍ସିଟି ଲାଇବ୍ରେରୀ ବିଲଡିଂ
ଡ. ଆମ୍ବେଦକର ବିଧୀ, ବାଙ୍ଗାଲୋର ୫୬୦୦୦୧

ମୂଲ୍ୟ: ୪୫ଟଙ୍କା

OR
891.441
N 239 B

ଅକ୍ଷର ବିନ୍ୟାସ :
ଜୟଗୁରୁ ପ୍ରିଣ୍ଟର୍ସ ଏଣ୍ଡ ପବ୍ଲିସର୍‌ସ
୧୯୯, ବି. ବି. ଗାଙ୍ଗୁଲି ଷ୍ଟ୍ରୀଟ୍, କୋଲକାତା ୭୦୦ ୦୧୨

Indian Institute of Advanced Study
117829
21.12.04
SHIMLA

ମୁଦ୍ରଣ :
ସେବା ମୁଦ୍ରଣ, ୪୩ କୈଳାସ ବୋଷ ଷ୍ଟ୍ରୀଟ୍,
କୋଲକାତା ୭୦୦୦୦୬

# ସୂଚୀ


| | |
|---|---|
| ବିଦ୍ରୋହୀ | ୧ |
| 'ଶାତ୍-ଇଲ୍-ଆରବ୍' | ୬ |
| ପ୍ରଳୟୋଲ୍ଲାସ | ୮ |
| ବୋଧନ | ୧୦ |
| ଆତ୍ମଶକ୍ତି | ୧୨ |
| ଝଡ଼ | ୧୪ |
| ଯୁଗାନ୍ତରର ଗାନ | ୨୧ |
| ବିଦ୍ରୋହ ବାଣୀ | ୨୩ |
| ସାମ୍ୟବାଦୀ | ୨୬ |
| ଈଶ୍ୱର | ୨୭ |
| ମଣିଷ | ୨୮ |
| ପାପ | ୩୧ |
| ବାରାଙ୍ଗନା | ୩୪ |
| ନାରୀ | ୩୬ |
| କୁଲି-ମଜୁର | ୩୯ |
| କୃଷାଣର ଗାନ | ୪୧ |
| କାଣ୍ଡାରି ହୁସିଆର୍ | ୪୨ |
| ଛାତ୍ରଦଳର ଗାନ | ୪୩ |
| ମୋର କୈଫିୟତ | ୪୫ |
| ସବ୍ୟସାଚୀ | ୪୯ |
| ପଥର ଦିଗ | ୫୧ |
| ଦାରିଦ୍ର୍ୟ | ୫୩ |
| ଈଦ୍ ମୋବାରକ୍ | ୫୭ |
| ଚାଲ ଚାଲ ଚାଲ | ୫୯ |
| ଜାଗରଣ | ୬୧ |
| ଏକ ବୃନ୍ତରେ ଆମେ ଦୁଇ ଫୁଲ | ୬୩ |

# ବିଦ୍ରୋହୀ

ବୋଲ ବୀର –
ବୋଲ ଉନ୍ନତ ମମ ଶିର,
ଶିର ନିହାରି ମୋହରି ନତ ଶିର ହେଇ ଶିଖରୀ ହିମାଦ୍ରିର ।
ବୋଲ ବୀର –
ବୋଲ ମହାବିଶ୍ୱର ମହାକାଶ ଫାଡ଼ି
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରା ଛାଡ଼ି
ଭୂଲୋକ ଦ୍ୟୁଲୋକ ଗୋଲକରେ ଭେଦି
ଖୋଦାର ଆସନ ଆରି ଧାରେ ଛେଦି
ଉଠିଅଛି ଚିର-ବିସ୍ମୟ ମୁହିଁ ବିଶ୍ୱ-ବିଧାତ୍ରୀର ।
ଲଲାଟେ ରୁଦ୍ର ଭଗବାନ ଜ୍ୱଳେ ରାଜ-ରାଜଟିକା ଦୀପ୍ତ ଜୟଶ୍ରୀର ।
ବୋଲ ବୀର –
ମୁଁ ଯେ ଚିର ଉନ୍ନତ ଶିର ।

ମୁହିଁ ଚିର ଦୁର୍ଦମ, ଦୁର୍ବିନୀତ, ନୃଶଂସ
ମହାପ୍ରଳୟର ମୁହିଁ ନଟରାଜ, ମୁହିଁ ସାଇକ୍ଲୋନ, ଧ୍ୱଂସ ।
ମୁହିଁ ମହାଭୟ, ମୁହିଁ ଅଭିଶାପ ପୃଥ୍ୱୀର,
ମୁହିଁ ଦୁର୍ବାର୍,
ମୁହିଁ ଭାଙ୍ଗି କରେଁ ସବୁ ଚୂର୍‌ମାର୍ ।

ମୁହିଁ ଅନିୟମ ଉଚ୍ଛୃଙ୍ଖଳ,
ମୁହିଁ ଦଳିଯାଏଁ ଯେତେ ବନ୍ଧନ, ଯେତେ ନିୟମ କାନୁନ୍ ଶୃଙ୍ଖଳ,
ମୁହିଁ ମାନେ ନାହିଁ କେଉଁ ଆଇନ୍,
ମୁହିଁ ଭରା ତରୀ କରେଁ ମଜ୍ଜମାନ, ମୁହିଁ ଟର୍ପେଡୋ, ମୁହିଁ ଭୀମ
ମୁହିଁ ଭାସମାନ ମୁହିଁ ମାଇନ୍ ।
ମୁହିଁ ଧୂର୍ଜଟି, ମୁହିଁ ମୁକ୍ତ କେଶର ଝଡ଼ ଅକାଳ ବୈଶାଖୀର
ମୁହିଁ ବିଦ୍ରୋହୀ, ମୁହିଁ ବିଦ୍ରୋହୀସୁତ - ବିଶ୍ୱ- ବିଧାତ୍ରୀର ।
ବୋଲ ବୀର –
ଚିର ଉନ୍ନତ ମମ ଶିର ।

ମୁହିଁ ଝଞ୍ଜା, ମୁହିଁ ଘୂର୍ଣ୍ଣି,
ମୁହିଁ ପଥ ସମ୍ମୁଖେ ଯାହା ପାଏଁ ଯାଏଁ ଚୂର୍ଣ୍ଣି
ମୁହିଁ ନୃତ୍ୟ ପାଗଳ ଛନ୍ଦ,
ମୁହିଁ ଆପଣାର ତାଳେ ନାଚିଯାଏଁ, ମୁହିଁ ମୁକ୍ତ ଜୀବନାନନ୍ଦ;

# ବିଦ୍ରୋହୀ

ବୋଲ ବୀର –
ବୋଲ ଉନ୍ନତ ମମ ଶିର,
ଶିର ନିହାରି ମୋହରି ନତ ଶିର ହେଇ ଶିଖରୀ ହିମାଦ୍ରିର ।
ବୋଲ ବୀର –
ବୋଲ ମହାବିଶ୍ୱର ମହାକାଶ ଫାଡ଼ି
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରା ଛାଡ଼ି
ଭୂଲୋକ ଦ୍ୟୁଲୋକ ଗୋଲକରେ ଭେଦି
ଖୋଦାର ଆସନ ଆରି ଧାରେ ଛେଦି
ଉଠିଅଛି ଚିର-ବିସ୍ମୟ ମୁହିଁ ବିଶ୍ୱ-ବିଧାତ୍ରୀର ।
ଲଲାଟେ ରୁଦ୍ର ଭଗବାନ ଜ୍ୱଳେ ରାଜ-ରାଜଟିକା ଦୀପ୍ତ ଜୟଶ୍ରୀର ।
ବୋଲ ବୀର –
ମୁଁ ଯେ ଚିର ଉନ୍ନତ ଶିର ।

ମୁହିଁ ଚିର ଦୁର୍ଦ୍ଦମ, ଦୁର୍ବିନୀତ, ନୃଶଂସ
ମହାପ୍ରଳୟର ମୁହିଁ ନଟରାଜ, ମୁହିଁ ସାଇକ୍ଲୋନ, ଧ୍ୱଂସ ।
ମୁହିଁ ମହାଭୟ, ମୁହିଁ ଅଭିଶାପ ପୃଥ୍ୱୀର,
ମୁହିଁ ଦୁର୍ବାର୍,
ମୁହିଁ ଭାଙ୍ଗି କରେଁ ସବୁ ଚୁର୍‌ମାର୍ ।

ମୁହିଁ ଅନିୟମ ଉଚ୍ଛୃଙ୍ଖଳ,
ମୁହିଁ ଦଳିଯାଏଁ ଯେତେ ବନ୍ଧନ, ଯେତେ ନିୟମ କାନୁନ୍ ଶୃଙ୍ଖଳ,
ମୁହିଁ ମାନେ ନାହିଁ କେଉଁ ଆଇନ୍,
ମୁହିଁ ଭରା ତରୀ କରେଁ ମଜ୍ଜମାନ, ମୁହିଁ ଟର୍ପେଡୋ, ମୁହିଁ ଭୀମ
ମୁହିଁ ଭାସମାନ ମୁହିଁ ମାଇନ୍ ।
ମୁହିଁ ଧୂର୍ଜଟି, ମୁହିଁ ମୁକ୍ତ କେଶର ଝଡ଼ ଅକାଳ ବୈଶାଖୀର
ମୁହିଁ ବିଦ୍ରୋହୀ, ମୁହିଁ ବିଦ୍ରୋହୀସୁତ - ବିଶ୍ୱ- ବିଧାତ୍ରୀର ।
ବୋଲ ବୀର –
ଚିର ଉନ୍ନତ ମମ ଶିର ।

ମୁହିଁ ଝଞ୍ଜା, ମୁହିଁ ଘୂର୍ଣ୍ଣି,
ମୁହିଁ ପଥ ସମ୍ମୁଖେ ଯାହା ପାଏଁ ଯାଏଁ ଚୂର୍ଣ୍ଣି
ମୁହିଁ ନୃତ୍ୟ ପାଗଳ ଛନ୍ଦ,
ମୁହିଁ ଆପଣାର ତାଳେ ନାଚିଯାଏଁ, ମୁହିଁ ମୁକ୍ତ ଜୀବନାନନ୍ଦ;

ମୁହିଁ ହାମ୍ବୀର, ମୁହିଁ ଛାୟାନଟ, ମୁହିଁ ହିନ୍ଦୋଳ,
ମୁହିଁ ଚଳଚଞ୍ଚଳ ଛନ୍ଦେ ଛମକେ
ପଥେ ଯାଉଁ ଯାଉଁ ଚକିତେ ଚମକେ,
ଲମ୍ଫନେ ଦିଏଁ ତିନି ଦୋଳ ।
ମୁହିଁ ଚପଳା-ଚପଳ ହିନ୍ଦୋଳ ।
ମୁହିଁ ତା ହିଁ କରେଁ ଭାଇ ଯେତେବେଳେ ଚାହେଁ ମନ ଯା'
କରେଁ ଶତ୍ରୁର ସାଥେ ଗଳା ଧରାଧରି, ଲଢ଼େ ମୃତ୍ୟୁର ସାଥେ ପଂଝା
ମୁହିଁ ଉନ୍ମାଦ, ମୁହିଁ ଝଞ୍ଜା !
ମୁହିଁ ମହାମାରୀ, ମୁହିଁ ଭୀତି ଏ ଧରିତ୍ରୀର !
ମୁହିଁ ଶାସନ-ତ୍ରାସନ ସଂହାର, ମୁହିଁ ଉଷ୍ଣ ଚିର-ଅଧୀର ।
ବୋଲ ବୀର –
ମୁହିଁ ଚିର -ଉନ୍ନତ ଶିର ।
ମୁହିଁ ଚିର-ଦୁରନ୍ତ ଦୁର୍ମଦ,
ମୁହିଁ -ଦୁର୍ଦ୍ଦମ, ମୋର ପ୍ରାଣର ପିଆଲା ହର୍‌ଦମ୍ ହାୟ ହର୍‌ଦମ୍
ଭରପୂର ତହିଁ ମଦ ।
ମୁହିଁ ହୋମ-ଶିଖା ମୁହିଁ ସାଗ୍ନିକ ଜମଦଗ୍ନି
ମୁହିଁ ଯଜ୍ଞ, ମୁହିଁ ପୁରୋହିତ, ମୁହିଁ ଅଗ୍ନି ।
ମୁହିଁ ସୃଷ୍ଟି, ମୁହିଁ ଧ୍ୱଂସ, ମୁହିଁ ଲୋକାଳୟ, ମୁହିଁ ଶମଶାନ,
ମୁହିଁ ଅବସାନ, ନିଶାବସାନ !
ମୁହିଁ ଇନ୍ଦ୍ରାଣୀ-ସୁତ ହାତେ ଚାନ୍ଦ୍ ଭାଲେ ସୂର୍ଯ୍ୟ
ମୋର ଏ ହାତେ ବଙ୍କା ବାଉଁଶ ବଂଶୀ ଆର ହାତେ ରଣତୂର୍ଯ୍ୟ ।
ମୁହିଁ କୃଷ୍ଣ-କଣ୍ଠ, ମନ୍ଥନ-ବିଷ, ପିଆବ୍ୟଥା -ବାରିଧିର,
ମୁହିଁ ବ୍ୟୋମକେଶ, ଧରେଁ ବନ୍ଧନ-ହରା ଧାରା ଗଙ୍ଗୋତ୍ରୀର ।
ବୋଲ ବୀର -
ଚିର ଉନ୍ନତ ମମ ଶିର !

ମୁହିଁ ସନ୍ନ୍ୟାସୀ, ସୁର ସୈନିକ,
ମୁହିଁ ଯୁବରାଜ, ମମ ରାଜବେଶ ମ୍ଳାନ ଗୈରିକ !
ମୁହିଁ ବେଦୁଇନ, ମୁହିଁ ଚେଙ୍ଗିସ୍,
ମୁହିଁ ଆପଣାରେ ଛାଡ଼ି କରେଁନା କାହାରେ କୁର୍ଣ୍ଣିସ !
ମୁହିଁ ବଜ୍ର, ମୁହିଁ ଈଶାନ-ବିଷାଣେ ଓଁକାର
ମୁହିଁ ଇସ୍ରାଫିଲର ଶୃଙ୍ଗାର ମହା ହୁଂକାର ।
ମୁହିଁ ପିନାକ ପାଣିର ଡମରୁ ତ୍ରିଶୂଳ, ଧର୍ମରାଜର ଦଣ୍ଡ,
ମୁହିଁ ଚକ୍ର, ମହାଶଙ୍ଖ, ମୁହିଁ ପ୍ରଣବ ନାଦ ପ୍ରଚଣ୍ଡ !
ମୁହିଁ ପାଗଳ, ଦୁର୍ବାସା, ମୁହିଁ ବିଶ୍ୱାମିତ୍ର ଶିଷ୍ୟ,

ମୁହିଁ ଦାବାନଳ ଦାହ, ଦହନ କରିବି ବିଶ୍ୱ,
ମୁହିଁ ପ୍ରାଣଖୋଲା ହସ ଉଲ୍ଲାସ-ମୁହିଁ ସୃଷ୍ଟି ବୈରୀ ସଂତ୍ରାସ,
ମୁହିଁ ମହାପ୍ରଳୟର ଦ୍ୱାଦଶ ରବିର ରାହୁଗ୍ରାସ !
ମୁହିଁ କେବେ ପ୍ରଶାନ୍ତ-କେବେ ଅଶାନ୍ତ, ଦାରୁଣ ସ୍ୱେଚ୍ଛାଚାରୀ,
ମୁହିଁ ଅରୁଣ ଖୁନ୍‌ର ତରୁଣ, ମୁହିଁ ବିଧିର ଦର୍ପହାରୀ !
ମୁହିଁ ଉଜ୍ଜ୍ୱଳ, ମୁହିଁ, ପ୍ରୋଜ୍ଜ୍ୱଳ,
ମୁହିଁ ଉଚ୍ଛଳ ଜଳ-ଛଳ-ଛଳ, ଚଳ, ଉର୍ମିର ହିନ୍ଦୋଳ ଦୋଳ !

ମୁହିଁ ବନ୍ଧନ ହରା-କୁମାରୀର ବେଣୀ, ତନ୍ୱୀ ନୟନେ ବହ୍ନି
ମୁହିଁ ଷୋଡ଼ଶୀର ହୃଦ-ସରସିଜ ପ୍ରେମ ଉଦ୍ଦାମ, ମୁହିଁ ଧନ୍ୟ ହିଁ
ମୁହିଁ ଉନ୍ମନ ମନ ଉଦାସୀର,
ମୁହିଁ ବିଧବାର ବୁକେ କ୍ରନ୍ଦନ ଶ୍ୱାସ, ହା-ହତାଶ ମୁହିଁ ହତାଶୀର !
ମୁହିଁ ବଞ୍ଚିତ ବ୍ୟଥା ପଥବାସୀ ଚିର ଗୃହହରା ପଥ ପଥିକର,
ମୁହିଁ ଅବମାନିତର ମରମବେଦନା, ବିଷ ଜ୍ୱାଳା
ପ୍ରିୟ ଲାଞ୍ଛିତ ବୁକେ ଗତିଧର
ମୁହିଁ ଅଭିମାନୀ ଚିର କ୍ଷୁବ୍ଧ ହିଆର କାତରତା, ବ୍ୟଥା, ସୁନିବିଡ଼
ଚିତ ଚୁମ୍ବନ-ଚୋର କଂପନ ମୁହିଁ ଥର ଥର ଥର ପ୍ରଥମ ପରଶ କୁମାରୀର ।
ମୁହିଁ ଗୋପନ ପ୍ରିୟାର ଚକିତ ଚାହାଣି,
ଛଳ କରି ଦେଖା ଅନୁକ୍ଷଣ,
ମୁହିଁ ଚପଳ ବାଳାର ପ୍ରଣୟ ତାହାର କଙ୍କଣ ଚୁଡ଼ି କଣକଣ ।

ମୁହିଁ ଚିର ଶିଶୁ, ଚିର କିଶୋର
ମୁହିଁ ଯୌବନ-ଭୀତ ପଲ୍ଲୀବାଳାର
କାନି କାଞ୍ଚଲା ନିଚୋଳ
ମୁହିଁ ଉତ୍ତର ବାୟୁ, ମଳୟ ଅନିଳ, ଉଦାସ ପୂରବୀ ପବନ,
ମୁହିଁ ପଥିକ-କବିର ଗଭୀର ରାଗିଣୀ, ବେଣୁ ବୀଣା ଗୀତ ଗାୟନ ।

ମୁହିଁ ଆକୁଳ ନିଦାଘ-ତ୍ରିଯାମା, ମୁହିଁ ରୌଦ୍ର-ରୁଦ୍ର ରବି,
ମୁହିଁ ମରୁ ନିର୍ଝର ଝର ଝର, ମୁହିଁ ଶ୍ୟାମଳିମା ଛାୟା-ଛବି ।
ମୁହିଁ ତୁରିୟାନନ୍ଦ ଛୁଟି ଚଳେଁ ଏକି ଉନ୍ମାଦ, ମୁହିଁ ଉନ୍ମାଦ ।
ମୁହିଁ ସହସା ମୋହରେ ଚିହ୍ନିଛି, ମୋର ଖୋଲି ଅଛି ସବୁ ବନ୍ଧ ।

ମୁହିଁ ଉତ୍‌ଥାନ, ମୁହିଁ ପତନ, ମୁହିଁ ଅଚେତନ-ଚିତେ ଚେତନ,
ମୁହିଁ ବିଶ୍ୱ-ତୋରଣେ ବୈଜୟନ୍ତୀ ମାନବ-ବିଜୟ କେତନ,
ଛୁଟେଁ ଝଡ଼ର ସମାନ କରତାଳି ଦେଇ
ସ୍ୱର୍ଗ ମର୍ତ୍ୟ କରତଳେ

ତାଜି ବୋର୍‌ରାକ୍ ଉଚ୍ଚୈଶ୍ରବା ବାହନ ମୋହର
ହିମ୍ମତ-ହ୍ରେଷା ଡାକି ଚଳେ ।
ମୁହିଁ ବସୁଧା-ବକ୍ଷେ ଆଗ୍ନେୟାଦ୍ରି, ବାଡ଼ବବହ୍ନି କାଳାନଳ,
ମୁହିଁ ପାତାଳେ ମାତାଲ ଅଗ୍ନି-ପଥର କଳରୋଳ-କଳ-କୋଳାହଳ ।
ମୁହିଁ ତଡ଼ିତ୍ ରେ ଚଢ଼ି ଉଡ଼ି ଚାଲେଁ ଜୋର୍
ତୋଡ୍ ଦେଇ ଦେଇ ଲମ୍ଫ,
ମୁହିଁ ତ୍ରାସ ସଞ୍ଚାରି ଭୁବନେ ସହସା, ସଞ୍ଚାରି ଭୂମିକମ୍ପ,
ଧରେ ବାସୁକିର ଫଣା ଝପଟି
ଧରେଁ ସ୍ୱର୍ଗୀୟ ଦୂତ ଜିବ୍ରାଇଲର ଅଗ୍ନିର ଡେଣା ସାଉଁଟି ।
ମୁହିଁ ଦେବଶିଶୁ, ମୁହିଁ ଚଞ୍ଚଳ,
ମୁହିଁ ଧୃଷ୍ଟ, ମୁହିଁ ଦାନ୍ତେ ଛିଡ଼ାଏ ବିଶ୍ୱମାତାର ଅଞ୍ଚଳ ।
ମୁହିଁ ଅର୍ଫିୟାସ୍‌ର ବଇଁଶୀ
ମହା ସିନ୍ଧୁ ଉତଲା ଘୁମ୍ ଘୁମ୍
ନିଦ ଚୁମ୍ବନ ଦେଇ କରେଁ ମୁଁ ନିଖିଳ ବିଶ୍ୱେ ନିଝୁମ୍
ମମ ବଂଶୀ ତାନରେ ପାସୋରି
ମୁହିଁ ଶ୍ୟାମର ହାତର ବାଁଶରୀ
ମୁହିଁ ରୋଷେ ଉଠି ଯେବେ ଧାଇଁ ମହାକାଶ ଲମ୍ଫେ,
ଭୟେ ସପ୍ତ ନରକ ହାବିୟା ଦୋଜଖ ନିଭି ନିଭି ଯାଇ କମ୍ପେ ।
ମୁହିଁ ବିଦ୍ରୋହ ବାହୀ ନିଖିଳ ଅଖିଳ ଆବୋରି ।

ମୁହିଁ ଶ୍ରାବଣ-ପ୍ଲାବନ-ବନ୍ୟା,
କେବେ ଧରଣୀରେ କରେଁ ବରଣୀୟା, କେବେ ବିପୁଳ ଧ୍ୱଂସ ବନ୍ୟା-
ମୁହିଁ ଛଡ଼ାଇ ଆଣିବି ବିଷ୍ଣୁ ବକ୍ଷ ଉପରୁ ଯୁଗଳ କନ୍ୟା !
ମୁହିଁ ଅନ୍ୟାୟ, ମୁହିଁ ଉଲ୍କା, ମୁହିଁ ଅଶନି,
ମୁହିଁ ଧୂମକେତୁ ଜ୍ୱାଳା, ବିଷଧର କାଳ ସର୍ପିଣୀ ।
ମୁହିଁ ଛିନ୍ନମସ୍ତା ଚଣ୍ଡୀ, ମୁହିଁ ରଣଦା ସର୍ବନାଶ
ମୁହିଁ ଜାହାନ୍ନାମର ଅଗ୍ନିରେ ବସି ହସେଁ ପୁଷ୍ପର ହସ !

ମୁହିଁ ମୃଣ୍ମୟ ମୁହିଁ ଚିନ୍ମୟ
ମୁହିଁ ଅଜର ଅମର ଅକ୍ଷୟ, ମୁହିଁ ଅନ୍ୟାୟ !
ମୁହିଁ ମାନବ ଦାନବ ଦେବତାର ଭୟ
ବିଶ୍ୱର ମୁହିଁ ଚିର ଦୁର୍ଜୟ,
ଜଗଦୀଶ୍ୱର ଈଶ୍ୱର ମୁହିଁ ପୁରୁଷୋତ୍ତମ, ସତ୍ୟ

---

ତାଜୀ-ଘୋଡ଼ା, ବୋର୍‌ରାକ୍-ସ୍ୱର୍ଗର ପକ୍ଷୀରାଜ
ହାବିୟା ଦୋଜଖ-ସପ୍ତମ ନରକ, ଏଇ ନରକ ହିଁ ଭୀଷଣତମ ।

ମୁହିଁ ତାତା ଥେଇଥେଇ ମନ୍ଥନେ ଚାଳେ ସ୍ୱର୍ଗ-ପାତାଳ-ମର୍ତ୍ୟ ।
ମୁହିଁ ଉନ୍ମାଦ, ମୁହିଁ ଉନ୍ମାଦ !!

ମୁହିଁ ଚିହ୍ନେ ମୋହରେ, ଆଜିରେ ମୋହର
ଖୋଲିଯାଏ ସବୁ ବନ୍ଧ !!
ମୁହଁ ପର୍ଶୁରାମର କଠୋର କୁଠାର
ନିଃକ୍ଷତ୍ରିୟ କରିବି ବିଶ୍ୱ, ଆଣିବି ଶାନ୍ତି ଶାନ୍ତ ଉଦାର
ମୁହିଁ ହଳ ବଳରାମର କାନ୍ଧେ
ମୁହିଁ ଉପାଡ଼ିବି ଆଜି ଅଧୀନ ବିଶ୍ୱ ଅବହେଳେ
ନବ ସୃଷ୍ଟିର ମହାନନ୍ଦେ !

ମହା ବିଦ୍ରୋହୀ ରଣ-କ୍ଲାନ୍ତ,
ମୁହିଁ ସେଇ ଦିନ ହେବି ଶାନ୍ତ,
ଯେବେ ଉତ୍ପୀଡ଼ିତର କ୍ରନ୍ଦନ ରୋଳେ ଆକାଶ ବତାସ ଧ୍ୱନିବ ନି
ଅତ୍ୟାଚାରୀର ଖଡ୍ଗ କୃପାଣ ଭୀମରଣ-ଭୂମେ ରଣିବ ନି-
ବିଦ୍ରୋହୀ ରଣ-କ୍ଲାନ୍ତ
ମୁହିଁ ସେଇ ଦିନ ହେବି ଶାନ୍ତ ।

ମୁହିଁ ବିଦ୍ରୋହୀ ଭୃଗୁ ଭଗବାନ ବୁକେ ଆଙ୍କେ ମୁଁ ପଦଚିହ୍ନ !
ମୁହିଁ ସ୍ରଷ୍ଟା ସୃଜନ, ଶୋକ-ତାପ ଦାତା ଖିଆଲୀ ବିଧିର
ବକ୍ଷ କରିବି ଭିନ୍ନ ।
ମୁହିଁ ବିଦ୍ରୋହୀ ଭୃଗୁ ଭଗବାନ ବୁକେ ଆଙ୍କିବି ପଦଚିହ୍ନ ।
ମୁହିଁ ଖିଆଲୀ ବିଧିର ବକ୍ଷ କରିବି ଭିନ୍ନ ।
ମୁହିଁ ଚିର ବିଦ୍ରୋହୀ ବୀର -
ମୁହିଁ ବିଶ୍ୱରେ ଛାଡ଼ି ଉଠିଅଛି ଏକା
ଚିର ଉନ୍ନତି ଶିର ।

[ ଅଗ୍ନିବୀଣା ]

# ''ଶାତ୍-ଇଲ୍-ଆରବ୍''

ଶାତିଲ୍ ଆରବ୍ ! ଶାତିଲ୍ ଆରବ୍ ! ପୂତ ଯୁଗେ ଯୁଗେ ତୋହରି ତୀର ।
ସହିଦର ଲୁହ, ଦିଲୀର ରକ୍ତ ଢାଳିଛି ଯେଉଁଠି ଆରବ ବୀର
ଯୁଝିଛି ଏଠାରେ ତୁର୍କ ସେନାନୀ,
ୟୁନାନୀ ମିସ୍‌ରୀ ଆରବୀ କେନାନୀ;-
ଲୋଟିଛି ଏଠାରେ ମୁକ୍ତ ଆଜାଦ୍ ବେଦୁଇନ୍‌ର ଟେ଼ଙ୍ଗା ଶିର ।
ଶମ୍‌ଶେର ହାତେ ଅଶ୍ରୁ ଆଖିରେ ମୂର୍ତି ଦେଖିଛି ବୀର ନାରୀର ।
'କୁତ୍-ଆମାରା'ର ରକ୍ତରେ ଭରି
ଦଜଲା ଆଣିଛି ଲହୁର ଦରିଆ ।
ଉଦ୍‌ଗାରି ଲହୁ ତୋଠାରେ ଦଜ୍‌ଲା ନାଚେ ଭୈରବ 'ମସ୍ତାନୀ'ର ତ୍ରସ୍ତାନୀର
ଗର୍ଜେ ରକ୍ତ ଗଙ୍ଗା ଫୋରାତ, -''ଶାସ୍ତି ଦେଇଛି ଗୋସ୍ତାକୀର ।''
ଦଜ୍‌ଲା-ଫୋରାତ-ବାହିନୀ ଶାତିଲ୍ ! ପୂତ ଯୁଗେ ଯୁଗେ ତୋହରି ତୀର ।
ବୁହାଇ ତୋହରି ଲୋହିତ ବନ୍ୟା
ଇରାକ୍ ଆଜମେ କରିଛି ଧନ୍ୟା
ବୀର ପ୍ରସବିନୀ ହେଲା ବରେଣ୍ୟା ମରିଲା ମରଣ ମର୍ଦାନୀର ।

ସାହାରାରେ ପଛେ ଧକାଇ ମରନ୍ତି ତଥାପି ସେମାନେ
ମାନନ୍ତି ନାହିଁ ଶିକଳ ପଦ୍ଧତିର ।
ଶାତିଲ୍-ଆରବ ! ଶାତିଲ୍-ଆରବ ! ପୂତଯୁଗେ ଯୁଗେ ତୋହରି ତୀର !
ଦୁଷ୍‌ମନ ଲହୁ ଈର୍ଷାରେ ନୀଳ
ତବ ତରଙ୍ଗେ କରେ ଝଲମଲ
ବାଙ୍କେ ମୋଡ଼େ ରୋଷେ କଚ଼ଡା ଖାଇଛି ପିଇ ନୀଳଖୁନ ପିଣ୍ଡାରିର ।
ଜିନ୍ଦା ବୀର
'ଜୁଲ୍ ଫିକାର୍' ଆଉ 'ହାୟଦରୀ' ଡାକେ ଆଜିବି ଏଠି ହଜ୍‌ରତ୍ ଆଲୀର
ଶାତିଲ୍-ଆରବ ! ଶାତିଲ୍-ଆରବ ! ଜିନ୍ଦା ରଖିଛି ତୋହରି ତୀର ।
ଲଲାଟେ ତୋହରି ଭାସ୍ୱର ଟିକା
ବସ୍‌ରା-ଗୁଲ୍‌ର ବହ୍ନିରେ ଲେଖା
ଏ ଯେ ବସୋରାର ରକ୍ତପାତ ଗୋ ରକ୍ତ ଗୋଲାପ ମଞ୍ଜରୀର ।
ଖଞ୍ଜବୀର
ଖଡ୍ଗରେ ଝରେ ଖର୍ଜୁର ସମ ଏଠାରେ ଲକ୍ଷ ଦେଶ ଭକ୍ତର ଶିର !
ଶାତିଲ୍ ଆରବ ! ଶାତିଲ୍ ଆରବ ! ପୂତ ଯୁଗେ ଯୁଗେ ତୋହରି ତୀର !

ଇରାକ୍-ବାହିନୀ ! ଏ ଯେ ଗୋ କାହାଣୀ, -
କେ ଜାଣିବ କେବେ ବଙ୍ଗ ବାହିନୀ
ତୋହରି ଦୁଃଖେ ''ଜନନୀ ମୋହର !''
ବୋଲ ଝରାଇବ ତପ୍ତ ନୀର ।
ପରାଧୀନା ! ସେଇ ବ୍ୟଥାରେ ବ୍ୟଥିତ ଢାଳିଲା ଦି ଥୋପା ଭକ୍ତ ବୀର ।
ସହିଦର ଦେଶ ! ବିଦାୟ ! ବିଦାୟ ! ଏ ଅଭାଗା ଆଜି ନୁଆଁଏ ଶିର ।

---

ଶାଦ୍-ଇଲ୍-ଆରବ୍ - ଆରବ ଦେଶର ଏକ ନଦୀର ନାମ । ଦିଲୀର- ଅସୀମ ସାହସୀ । ୟୁନାନୀ - ୟୁନାନ୍ ଦେଶର ଅଧିବାସୀ । କେନାନୀ - କେନାନର ଅଧିବାସୀ । ଚେଙ୍ଗା - ତଟକା । କୁତ୍ ଆମାରା - କୁତଲ-ଆମାରା ନାମକ ସ୍ଥାନ, ଯେଉଁ ସ୍ଥାନରେ ଜେନେରେଲ୍ ଟାଉନ ସେଓ ବନ୍ଦୀ ହୁଅନ୍ତି । ଦଜ୍‌ଲା - ଟାଇଗ୍ରୀସ୍ ନଦୀ । ମର୍ଦାନୀ -ପୌରୁଷ । ଇରାକ୍ ଆଜମ - ମେସୋପଟାମିୟା । ଜିନ୍ଦା-ଜୀବନ୍ତ

# ପ୍ରଳୟୋଲ୍ଲାସ

ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଏଇ ନୂତନର କେତନ ଉଡ଼େ କାଳ ବୈଶାଖୀ ଝଡ଼ ।
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଆସୁଛି ଏଥର ଅନାଗତ ସେଇ ପ୍ରଳୟ ନିଶାର ନୃତ୍ୟ-ପାଗଳ,
ସିନ୍ଧୁ ସେପାରେ ସିଂହଦ୍ୱାରେ ଧକ୍କାମାରି ଭାଙ୍ଗି ଅର୍ଗଳ
ମୃତ୍ୟୁ ଗହନ ଅନ୍ଧକୂପେ
ମହାକାଳର ଚଣ୍ଡ ରୂପେ
ବଜ୍ରଶିଖାର ମଶାଲ ଜାଳି ଆସୁଛି ଭୟଙ୍କର ।
ଆରେ, ଏଇ ଯେ ହସୁଛି ଭୟଙ୍କର !
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଝାମ୍ପୁରା ତା'ର କେଶର ଦୋଳାରେ ଝାଙ୍କ ମାରି ସେ ଗଗନ ଦୋଳାଏ
ସର୍ବନାଶୀ, ଜ୍ୱାଳା-ମୁଖୀ ଧୂମକେତୁ ତାର ଚାମର ଢଳାଏ
ବିଶ୍ୱପିତାର ବକ୍ଷ କୋଳେ
ରକ୍ତିମ ତାର କୃପାଣ ଝୁଲେ
ଦୋଳେ ଦୋଳେ
ଅଟ୍ଟରୋଳର ହଟ୍ଟଗୋଳରେ ସ୍ତବ୍ଧ ଚରାଚର-
ଆରେ, ସ୍ତବ୍ଧ ଚରାଚର ।
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଦ୍ୱାଦଶ ରବିର ବହ୍ନିଜ୍ୱାଳା ଭୟାବହ ତା'ର ଚକ୍ଷୁ ଧୂସର
ଦିଗଅନ୍ତରୁ କ୍ରନ୍ଦନ ଲୋଟେ ପିଙ୍ଗଳ ତା'ର ତ୍ରସ୍ତ ଜଟାର ଭାର
ବିନ୍ଦୁଏ ତା'ର ନୟନ ଜଳେ
ସପ୍ତ ମହାସିନ୍ଧୁ ଦୋଳେ
କପୋଳ ତଳେ ।
ବିଶ୍ୱମାତାର ଆସନ ତାହାର ବିପୁଳ ବାହୁର ବିସ୍ତାର
ଡାକେ ଏଇ "ଜୟ ପ୍ରଳୟଙ୍କର !"
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!

ମାଭୈଃ ମାଭୈଃ ! ଜଗତ ଭରି ପ୍ରଳୟ ଏଥର ଘନାଇ ଆସେ !
ଜରା-ମ୍ରିୟମାଣ ମୁମୂର୍ଷୁ-ପ୍ରାଣ ଲୁକ୍କାୟିତ ଏହି ବିନାଶେ !
ଏଥର ମହାନିଶାର ଶେଷେ
ଆସିବ ଉଷା ଅରୁଣ ହାସେ
କରୁଣ ବେଶେ ।
ଦିଗମ୍ବରର ଜଟାରେ ଲୋଟଇ ଶିଶୁ ଚନ୍ଦ୍ରର କର,
ଆଲୋକେ ତାହାର ଭରିବ ଏଥର ଘର ।
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଏଇ ସେ ମହାକାଳ ସାରଥି ରକ୍ତ ତଡ଼ିତ ଚାବୁକ ହାଣେ,
ରଣିତ ହୁଏ ହ୍ରେଷାକ୍ରନ୍ଦନ ବଜ୍ରଗାନେ ଝଡ଼ ତୋଫାନେ
ଖୁରାର ଝପଟେ ତାରାରେ ଲାଗେ ଉଲ୍କା ଛୁଟଇ ନୀଳ ଖିଲାଣେ ।
ଗଗନ ତଳର ନୀଳ ଖିଲାଣେ ।
ଅନ୍ଧ ତାହାର ବନ୍ଦ କୂପେ
ଦେବତା ବନ୍ଧା ଯଜ୍ଞ ଯୂପେ
ପାଷାଣ ସ୍ତୂପେ
ଏଇ ତ ତାହାର ଆସିବା ସମୟ ଏଇ ରଥ-ଘର୍ଘର-
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଧ୍ୱଂସ ଦେଖି, ଭୟ କିଆଁ ତୁମର-ପ୍ରଳୟ ନୂତନ ସୃଷ୍ଟି ବେଦନ !
ଆସୁଛି ନବୀନ-ଜୀବନ-ହାରକ ଅସୁନ୍ଦରେ କରିବ ଛେଦନ ।
ତେଣୁ ସେ ଏପରି କେଶ-ବାସେ
ପ୍ରଳୟରେ ବାହି ଆସଇ ସେ
ମଧୁର ହାସେ !
ଭାଙ୍ଗି ପୁଣି ଗଢ଼ି ଜାଣେ ସେ ଯେ ଚିର ସୁନ୍ଦର !
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!
ଏଇ ଭଙ୍ଗା ଗଢ଼ା ଖେଳଯେ ତାହାର କାହିଁକି ତାହେଲେ ଡର
ତୁମେ ସବୁ ଜୟଧ୍ୱନି କର !
ବଧୂ ସବୁ ଦୀପ ଟେକି ଧର
କାଳ ଭୟଙ୍କରର ବେଶେ ଏଥର ଆସଇ ସୁନ୍ଦର !-
ତୁମେ ସବୁ ଜୟଧ୍ୱନି କର !
ତୁମେ ସବୁ ଜୟଧ୍ୱନି କର !!

# ବୋଧନ

## (ଗୀତ)

(୧)

ଦୁଃଖ କି ଭାଇ, ହଜିଲା ସୁଦିନ ପୁଣି ଫେରିବ ଏ ଭାରତ ତୀରେ,
ଦଳିତ ଶୁଷ୍କ ଏଇ ମରୁଭୂମି ହୋଇ ଗୁଲିସ୍ତାଁ ହସିବ ଧୀରେ ।
କାନ୍ଦନା, ଦବି ଯାଅନା, ବେଦନା ଶୀର୍ଣ୍ଣ ପରାଣେ ପୁନଶ୍ଚ ଫେରିବ ଶକ୍ତି,
ଦଳିତ ଶୁଷ୍କ ଶୀର୍ଷେ ତୁମରି ସବୁଜ ପ୍ରାଣାଭିବ୍ୟକ୍ତି ।
ଜୀବନ-ଫଗୁଣ ଯଦି ମାଳଞ୍ଚ-ମୟୂର-ତଖ୍‌ତେ ପୁଣି ବିରାଜେ,
ଶୋଭିବ ହିଁ ଭାଇ, ଏଇ ତ ସେଦିନ ଶୋଭିବ ଏ ଶିର ପୁଷ୍ପତାଜେ ।

(୨)

ହୁଅନା ନିରାଶ, ଅଜଣା ଯେହେତୁ ଭବିଷ୍ୟତର ସବୁ ରହସ୍ୟ,
ଯବନିକା ପଛେ ପ୍ରହେଳିକା-ମଧୁ-ବୀଜରେ ସୁପ୍ତ ସ୍ୱର୍ଣ୍ଣଶସ୍ୟ ।
ଅତ୍ୟାଚାର ଓ ଉତ୍‌ପୀଡ଼ନରେ ଆଜି ଆମେସବୁ ବିପର୍ଯ୍ୟସ୍ତ,
ଭୟ ନାଇଁ ଭାଇ ! ଏଇ ଯେ ଖୋଦାର ମଙ୍ଗଳମୟ ବିପୁଳ ହସ୍ତ ।
ଦୁଃଖ କି ଭାଇ, ହଜିଲା ସୁଦିନ ପୁଣି ଫେରିବ ଏ ଭାରତ ତୀରେ,
ଦଳିତ ଶୁଷ୍କ ଏଇ ମରୁଭୂମି ହୋଇ ଗୁଲିସ୍ତାଁ ହସିବ ଧୀରେ ।

(୩)

ଦୁଇଦିନ ପାଇଁ ଗ୍ରହଦୋଷେ ଭାଇ ସବୁ ଆଶା ଯଦି ହୁଏନା ପୂର୍ଣ୍ଣ,
ନିକଟ ସେଦିନ, ନଥିବ ଏ ଦିନ, ହେବ ଜାଲିମ୍‌ର ଦର୍ପ ଚୂର୍ଣ୍ଣ !
ପୁଣ୍ୟ ପିଆସୀ ଯିବେ ଯେଉଁ ଭାଇ ମକ୍କାର ପୂତ ତୀର୍ଥ ଲାଭେ,
କଣ୍ଟକ-ଭୟେ ଫେରିବେନି ବରଂ ପଥରେ ଜୀବନ ଦେବେ ସେ ଗର୍ବେ ।
ଦୁଃଖ କି ଭାଇ, ହଜିଲା ସୁଦିନ ପୁଣି ଫେରିବ ଏ ଭାରତ ତୀରେ,
ଦଳିତ ଶୁଷ୍କ ଏଇ ମରୁଭୂମି ହୋଇ ଗୁଲିସ୍ତାଁ ହସିବ ଧୀରେ ।

(୪)

ଅସ୍ତିତ୍ୱର ଭିତ୍ତି ଆମରି ବିନାଶେ ଯଦି ବା ଧ୍ୱଂସ ବନ୍ୟା,
ସତ୍ୟ ଆମର କାଣ୍ଡାରି ଭାଇ, ତୋଫାନକୁ ଆମେ ପରୱା କରୁନା ।
ଯଦି ବା ଏପଥ ଭୀତି ସଂକୁଳ ଲକ୍ଷ୍ୟ ଯଦି ବି ଦୂରରେ ପରା,
ବୁକେ ଆଣ ବଳ, ଧ୍ରୁବ ଅଲକ୍ଷ୍ୟ ଅଭୟ ଆସିବ ନଇଁଣ ତ୍ୱରା ।
ଦୁଃଖ କି ଭାଇ, ହଜିଲା ସୁଦିନ ପୁଣି ଫେରିବ ଏ ଭାରତ ତୀରେ,
ଦଳିତ ଶୁଷ୍କ ଏଇ ମରୁଭୂମି ହୋଇ ଗୁଲିସ୍ତାଁ ହସିବ ଧୀରେ ।

(୫)

ଅତ୍ୟାଚାର ଓ ଉତ୍ପୀଡ଼ନରେ ଆଜି ଆମେ ସବୁ ବିପର୍ଯ୍ୟସ୍ତ,
ଭୟ ନାହିଁ ଭାଇ ! ରହିଛି ଖୋଦାର ମଙ୍ଗଳମୟ ବିପୁଳ ହସ୍ତ !
କି ଭୟ ବନ୍ଦୀ, ନିଃସ୍ୱ ଯଦି ବା ଅନ୍ଧାରେ ଆମେ ପରିତ୍ୟକ୍ତ,
ଯଦି ରହେ ତୁମ ସତ୍ୟ-ସାଧନା ସ୍ୱାଧୀନ ଜୀବନ ହୋଇବ ବ୍ୟକ୍ତ ।
ଦୁଃଖ କି ଭାଇ, ହଜିଲା ସୁଦିନ ପୁଣି ଫେରିବ ଏ ଭାରତ ତୀରେ,
ଦଳିତ ଶୁଷ୍କ ଏଇ ମରୁଭୂମି ହୋଇ ଗୁଲିସ୍ତାଁ ହସିବ ଧୀରେ ।

---

ହାଫିଜ୍‌ଙ୍କର ''ୟୁସୋଫେ ଗୁମ୍ ଗଶ୍‌ତା ବାଜ୍ ଆୟୋଦ୍ ବ-କି-ଅନ୍ ଗମ୍ ମଖୋବ୍''

ଶୀର୍ଷକ ଗଜଲର ଭାବ-ଛାୟା ।

# ଆତ୍ମଶକ୍ତି
## (ଗୀତ)

ଆସ ବିଦ୍ରୋହୀ ମିଥ୍ୟା-ସୂଦନ ଆତ୍ମଶକ୍ତି ଯୁଦ୍ଧବୀର !
ଆଣ ଉଲଙ୍ଗ ସତ୍ୟ-କୃପାଣ ବିଜୁଳି ଝଲକ ନ୍ୟାୟ-ଅସିର ।
ତୁରୀୟା ନନ୍ଦେ ଘୋଷେ ସେ ଅଦ୍ୟ
'ମୁହିଁଅଛି' ବାଣୀ ବିଶ୍ୱ ମଧ୍ୟ
ପୁରୁଷ-ରାଜ !
ସେଇ ସ୍ୱରାଜ !
ଜାଗ୍ରତ କର ନାରାୟଣ-ନର ନିଦ୍ରିତ ବୁକେ ମର-ବାସୀର;
ଆତ୍ମଭୀତ ଏ ଅଚେତ ଠଁରେ ଜଗାଅ ସ୍ୱାମୀ ମୁଁ ନଗ୍ନଶିର !!
ଆସ ପ୍ରବୁଦ୍ଧ, ଆସ ମହାନ୍
ଶିଶୁ-ଭଗବାନ ଜ୍ୟୋତିଷ୍ମାନ୍
ଆତ୍ମଜ୍ଞାନ-
ଦୃପ୍ତ-ପ୍ରାଣ ।
ଜଣାଅ ଜଣାଅ କ୍ଷୁଦ୍ର ମଝିରେ ରାଜୁଛି ରୁଦ୍ର ତେଜ ରବିର !
ଉଦୟ ତୋରଣେ ଉଡୁରେ ଆତ୍ମ-କେତନ ''ମୁହିଁ ଅଛି, ଅଛି''ର ।
କର ହେ ଶକ୍ତି-ସୁପ୍ତ-ମନ
ରୁଦ୍ର ବେଦନେ ଉଦ୍‌ବୋଧନ,
ହୀନ ରୋଦନ
ଖିନ୍ନ-ଜନ ।
ଦେଖୁ ଏ ଆତ୍ମ ସବିତାର ତେଜ ବକ୍ଷେ ବିପୁଳା କ୍ରନ୍ଦସୀର !
ବୋଲ ନାସ୍ତିକ ହେଉ ଏ ଆପଣା ମହିମା ନିହାରି ଶୁଦ୍ଧ ଧୀର !
କିଏ କରେ କା'ର ନିର୍ଯାତନ
ଆତ୍ମ-ଚେତନ ସ୍ଥିର ଯେ କ୍ଷଣ ।
ଈର୍ଷାର ରଣ
ଭୀମ ନର୍ତ୍ତନ ।
ପଦାଘାତ କରେ ପଞ୍ଜରେ ଖାଲି ଆତ୍ମ-ବଳରେ ଅବିଶ୍ୱାସୀର
ମହାପାପୀ ସେହି ସତ୍ୟ ଯାହାର ପର-ପଦାନତ ଆନତ ଶିର ।
ଜଗାଅ ଆଦିମ ସ୍ୱାଧୀନ ପ୍ରାଣ,
ଆତ୍ମଜାଗର ବିଧାତା ଦାନ ।
କିଏ ଭଗବାନ ?
ଆତ୍ମଜ୍ଞାନ ।

ଗାଅ ଉଦ୍‌ଗାତା ଋତ୍ୱିକ ଗାନ ଅଗ୍ନିମନ୍ତ୍ର ଶକ୍ତି ଶ୍ରୀ ର
ନ ଜାଗିଲେ ପ୍ରାଣେ ସତ୍ୟ ଚେତନା ମାନେ ନା ଆଦେଶ କାହା ବାଣୀର !
ଆସ ବିଦ୍ରୋହୀ ତରୁଣ ତାପସ ଆତ୍ମ ଶକ୍ତି-ବୁଦ୍ଧ ବୀର,
ଆଣ ଉଲଗ୍ନ ସତ୍ୟ-କୃପାଣ ବିଜୁଳି ଝଲକ ନ୍ୟାୟ ଅସିର !!

# ଝଡ଼
## (ପଶ୍ଚିମ ତରଙ୍ଗ)

ଝଡ଼ - ଝଡ଼ - ଝଡ଼ ମୁହିଁ - ମୁହିଁ ଝଡ଼-
ଶନ୍ - ଶନ୍ - ଶନ ଶନ ଶନ୍ - କ୍କଡ଼ କ୍କଡ଼ କ୍କଡ଼-
କାନ୍ଦେ ମୋର ଆଗମନୀ ଆକାଶ ବତାସ ବନାନୀରେ
ଜନ୍ମ ମୋର ପଶ୍ଚିମର ଅସ୍ତଗିରି ଶିରେ,
ଯାତ୍ରା ମୋର ଜନ୍ମି ଆଚମ୍ବିତେ
ପ୍ରାଚୀର ଅଲକ୍ଷ୍ୟ ପଥ ମୁଖେ ।
ମାୟାବୀ ଦୈତ୍ୟ ଶିଶୁ ମୁହିଁ
ପ୍ରଧାବିତ ଅନିର୍ଦ୍ଦେଶ ଅନର୍ଥ ସନ୍ଧାନେ !
ଜନ୍ମି ଦେଖିଲି ଘେରିଅଛି ମୋତେ କ୍ଷତିର ଅକ୍ଷୌହିଣୀ ସେନା
ବନ୍ଦନାକଲେ ନମି- ''ପ୍ରଭୁ ! ତୁମ ସାଥେ ଆମେ ଯୁଗେ ଯୁଗେ ଚିହ୍ନା,
ଆମେ ତବ ଆଜ୍ଞାବହ ଦାସ-
ପ୍ରଳୟ ତୋଫାନ ବନ୍ୟା, ମଡ଼କ ମହାମାରି ସର୍ବନାଶ ।''
ବାଜିଲା ଆକାଶ-ଘଣ୍ଟା ବସୁଧା-ଝାଂଜର
ମାର୍ତ୍ତଣ୍ଡର ଧୂପଦାନି-ମେଘ-ବାଷ୍ପ-ଧୂମେ-ଧୂମେ ଭରିଲା ଅମ୍ବର !
ଉଲ୍କାର ହାବେଲି ଛୁଟେ ଗ୍ରହ ଉପଗ୍ରହ ଠାରୁ ଘୋଷିଲା ମଙ୍ଗଳ !
ମହାସିନ୍ଧୁ-ଶଙ୍ଖେ ବାଜେ ଅଭିଶାପ-ଆଗମନୀ କଳ କଳ କଳ୍
କଳ କଳ କଳ୍ କଳକଳ କଳ୍ ।
'ଜୟ ହେ ଭୟଙ୍କର ଜୟ ପ୍ରଳୟଙ୍କର' ଘୋଷେ ଭୟଙ୍କର
ବନ୍ଦିଲେ ତ୍ରିକାଳ-ଋଷି,
ଧ୍ୟାନ ଭଗ୍ନ ରକ୍ତ ଆଖି ଆଶିଷ ପ୍ରଦାନେ ମହାକାଳ !
ଉଲ୍ଲମ୍ଫନେ ଉଠିଲି ଆକାଶ ଆଡ଼େ ତୋଳିବାହୁ;
ମୁହିଁ ନବରାହୁ !
ହେରିଲି ମୁଁ ସେବାରତା ମହୀୟସୀ ମହାଲକ୍ଷ୍ମୀ ପ୍ରକୃତିର ରୂପ
ସହସା ସେ ଭୁଲିଅଛି ସେବା, ଆଗମନ ଭୟେ ମୋର
ପ୍ରସ୍ତର-ଶିଖାର ସମ ନିଶ୍ଚଳ ନିଶ୍ଚୁପ ।
ଅନୁମାନି ଯେହ୍ନେ କେଉଁ ସର୍ବନାଶୀ ଅମଙ୍ଗଳ ଭୟେ
ଜାଗି ଅଛ ଶିଶୁ ଶିର ପାଶେ, ଧ୍ୟାନମଗ୍ନା ମାତା ତୁମ ଶ୍ୱାସ ନାହିଁ ବହେ ।
ମନେହେଲା ଏଇ ବୋଧେ ହଜାଇଲା ମାତା ମୋର ।
ମୌନା ଏଇ ଜନନୀର ଶୁଭ୍ରଶାନ୍ତ କୋଳେ
-ପ୍ରହ୍ଲାଦ କୁଳର ମୁହିଁ ଦୈତ୍ୟ ଶିଶୁ
ଝାମ୍ପି ପଡ଼ିଲି ମୁଁ 'ମା ମୋର' ଡାକ ଦେଇ ଭୋଳେ ।

ଜାଣି ନାହିଁ କେଉଁ ଫଣି-ମନସାର ହଳାହଳ-ଲୋକେ-
କେଉଁ ବିଷ ଦୀପେ ଜଳା ସବୁଜ-ଆଲୋକେ-
ନାଗମାତା, ରୁଦ୍ର-ଗର୍ଭେ ଜନ୍ମିଛି ମୁଁ ସସ୍ର ଫଣା ନାଗ
ଭୀଷଣ ତକ୍ଷକ-ଶିଶୁ । କାହିଁ ହୁଏ ନାଗ-ନାଶୀ ଜନ୍ମେଜୟ ଯାଗ-
ଉଚ୍ଚାରୁଛି ଆକର୍ଷଣ-ମନ୍ତ୍ର କେଉଁ ଗୁଣୀ-
ଜନ୍ମାନ୍ତର ପାର ଠାରୁ ଛୁଟି ଚଳେଁ ମୁହିଁ ସେଇ ମୃତ୍ୟୁ ଡାକ ଶୁଣି ।
ମନ୍ତ୍ର-ତେଜେ ପଂାଶୁ ହୋଇ ଉଠେ ମୋର ହିଂସା-ବିଷ-କ୍ରୋଧ କୃଷ୍ଣପ୍ରାଣ,
ମୋହରି ତୁରୀୟଗତି ସେ ଯେ ଏଇ ଅନାଦି ଉଦୟ ଠାରୁ
ହିଂସା-ସର୍ପ ଯଜ୍ଞ-ମନ୍ତ୍ର ଟାଣ ।

ଛୁଟି ଚଳେଁ ଅନନ୍ତ ତକ୍ଷକ ଝଡ଼-
ଶନ୍ - ଶନ୍ - ଶନଶନ ଶନ୍-
ସହସା ଆସିଲ ତୁମେ କେ ମର୍ତ୍ତ୍ୟ-ଇନ୍ଦ୍ରାଣୀ ମାତା,
ତବ ଏଇ ଧୂଳି ଆସ୍ତରଣ
ବିଛାଇ ମୋହରି ପାଇଁ ଜାତକର ଜଂନ୍ମାନ୍ତର ଠାରୁ
ଲୁଚିଲି ସେ ଅଞ୍ଚଳର ଆଢୁଆଳେ, ଦଣ୍ଡାୟମାନ ହୋଇଲ
ଆଢୁଆଳ କରି
ମୋର ମୃତ୍ୟୁ ପଥେ ।

ବ୍ୟର୍ଥ ହେଲା ଅଞ୍ଚଳ ଉଢ଼ାଳ; ବହ୍ନି ଆକର୍ଷଣ
ମନ୍ତ୍ରତେଜେ ବ୍ୟାକୁଳ ଭୀଷଣ
ରକ୍ତେ ରକ୍ତେ ବାଜେ ମୋର - ଶନଶନ ଶନ୍
ଶନ୍-ଶନ୍ ଏଇ ଶୁଣ ଦୂର
ଯୁଗାନ୍ତରୁଁ ମାଗୋ ଡାକେ ମୋରେ ଅଗ୍ନି-ରକ୍ଷିର ସେ ବିଷ-ହରୀ ସୁର ।
ଜନନୀ ଗୋ ଚଳେଁ ଅଗ୍ରେ ଅନନ୍ତ ଚଞ୍ଚଳ,
ବିଷେ ତବ ନୀଳ ହେଲା ଦେହ, ମିଥ୍ୟାରେ ମା
ଦାବ ଦାହେ ପୋଡ଼ାଇଲୁ ତୋହରି ଅଞ୍ଚଳ ।
ଛୁଟି ଚଳେଁ ମହା-ନାଗ, ରକ୍ତେ ମୋର ଶୁଣେ ଆକର୍ଷଣୀ,
ମମତା-ଜନନୀ
ଦାହେ ମୋର ପଡ଼ିଲା ମୂରଛି;
ମୁହିଁ ଚଳେଁ ପ୍ରଳୟ ପଥିକ-ଦିଗେ ଦିଗେ
ମାରୀ ମରୁ ରଚି ।

ଝଡ଼ - ଝଡ଼ - ଝଡ଼ ମୁହିଁ - ମୁହିଁ ଝଡ଼-
ଶନ୍ - ଶନ୍ - ଶନଶନ ଶନ୍ - କ୍କଡ଼କ୍କଡ଼ କଡ଼୍-
କୋଳାହଳ କଲ୍ଲୋଳର ହିଲ୍ଲୋଳ - ହିନ୍ଦୋଳ-
ଦୁରନ୍ତ ଦୋଳାରେ ଚଢ଼ି - ଦୋଳ ଆଉ ଦୋଳ-
ଉଲ୍ଲାସରେ ହାଙ୍କି ଡାକେ, ତାଳିମାରି ମେଘେ
ଉନ୍ମଦ ଉନ୍ମାଦ ଘୋର ତୋଫାନିଆ ବେଗେ,

ଛୁଟି ଚାଲେଁ ଝଡ଼ - ଗୃହ - ହରା- ଶାନ୍ତି - ହରା
ବନ୍ଧ - ହରା ଝଡ଼-
ସ୍ୱେଚ୍ଛାଚାର ଛନ୍ଦେ ନାଚି । କ୍କଡ୍ କ୍କଡ୍ କଡ୍
କଣ୍ଠେ ମୋର ଲୁଣ୍ଠେ ଘୋର ବଜ୍ର ଟିଟିକାରୀ !
ମେଘ-ବୃନ୍ଦାବନେ ମୁହୁଃ ଛୁଟେ ମୋର ବିଜୁଳିର ଜ୍ୱାଳା-ପିଚକାରି !
ଉଡ଼େ ସୁଖ-ନୀଡ଼ , ପଡ଼େ ଛାୟାତରୁ
ଲଡ଼ବଡ଼ ହୁଏ ଭିତ୍ତି ରାଜପ୍ରାସାଦର,
ତୁଫାନ-ତୁରଗ ମୋର ଉରଗେନ୍ଦ୍ର-ବେଗେ ଧାଏଁ
ମୁହିଁ ଛୁଟେଁ ଅଶାନ୍ତ ଲୋକର
ପ୍ରଶାନ୍ତ - ସାଗର - ଶୋଷା - ଉଷ୍ଣଶ୍ୱାସ ଟାଣି
ଲୋକେ ଲୋକେ ଖେଳେ ତ୍ରସ୍ତ ପ୍ରଳୟର
ଫିସ୍ ଫିସ୍ ବାଣୀ ।
ଝଡ଼ - ଝଡ଼ - ଉଡ଼ି ଚଳେ ଝଡ଼ ମହାବାୟୁ - ପକ୍ଷୀରାଜ ଚଢ଼ି ।
ଫାଟି ପଡ଼ିବ କି ଆଉ ଆକାଶର ଝୁଲା ସାମିୟାନା
ମୋର ଧୂଳି ଧ୍ୱଜା ସଙ୍ଗେ ହୋଇ ଯୋଡ଼ାଯୋଡ଼ି ।
ପ୍ରମତ୍ତ - ସାଗର - ବାରି ଅଶ୍ୱ ସମ ତୋଫାନୀର ଖର - କ୍ଷୁର ବେଗେ
ଉଦ୍‌ବେଳି ଆନ୍ଦୋଳି ଉଠେ । ଫେଣ ଉଠି ଲାଗେ
ଝଟିକାର କଷାଘାତ ଖାଇ ଅନନ୍ତ ତରଙ୍ଗ ମୁଖେ ତା'ର,
ମୁଁ ଏକ ସାପୁଆ ଅବା ମାରେ ମୁଁ - ମାରଣ ମନ୍ତ୍ର
ଢେଉର କଚଡ଼ା ଖାଇ ମହାସିନ୍ଧୁ-ମୁଖେ
ଜଳ - ନାଗ - ନାଗୁଣୀ ସଭିଏଁ ଆଡ଼େଇ ବାଡ଼େଇ ମରେ ଦୁଃଖେ ।
ପ୍ରିୟା ମୋର ଘୂର୍ଣ୍ଣିବାୟୁ ବେଦୁଇନ - ବାଳା
ଚୂର୍ଣ୍ଣିଚଳେ ଝଞ୍ଜା-ଚୂର ମୋର ଆଗେ ଆଗେ ।
ଝରଣା-ଝରା ତଟିନୀର ନଟିନୀ-ନର୍ତନ ସୁଖ ଲାଗେ ।
ଶୁଷ୍କ ନଡ଼ା କୁଟା ଧୂଳି ଶୀତ-ଶୀର୍ଣ୍ଣ-ବିଦାୟ ପତ୍ରରେ
ଫାଲ୍‌ଗୁନୀ-ପରଶ ତା'ର ମୋହରି ଧକ୍କାରେ ନଏଁ ତଳେ
ବନସ୍ପତି ମହା ମହୀରୁହ, ଶାଲ୍ମଳୀ, ପୁନ୍ନାଗ, ଦେବଦାରୁ
ଧରି ଯେବେ ତାର
ଜାବୁଡ଼ି ପଲ୍ଲବ - ଝୋଟି, ଶାଖାଶିର ଧରି ଦୋହଲାଇ,
ଗୁମରି କାନ୍ଦି ଉଠଇ ପ୍ରଣତା ବନାନୀ,
ଚଡ଼ ଚଡ଼ କରି ଉଠେ ପାହାଡ଼ର ଠିଆ ବେକଦଣ୍ଡା
ପ୍ରିୟାମୋର ଏଣୁ ତେଣୁ ଗୀତ ଗାଇ ଆଗେ ଆଗେ ଚଳେ ;
ପାଗଳିନୀ କେଶେ ଧୂଳି ଆଖିରେ ତା ମାୟା ମଣି ଜଳେ ।
ଘାଘରା ଘୂର୍ଣ୍ଣନ ତା'ର ଘୂର୍ଣ୍ଣି ବିହ୍ୱଳତା
ଲଗାଏ ନୟନାଲୋକେ ମୋର ।

ଘୂର୍ଣ୍ଣିବାଳା ହସର ଉଚ୍ଛ୍ୱାସେ କହେ- ''ମନ ଚୋର''।
ଧର ତ' ମୋତେ ଦେଖିବା
ତ୍ରସ୍ତ-ବାସ ହାଓ୍ୱା-ପରୀ, ବେଣୀ ତା'ର ଦୋଳି ଉଠେ
ସୁକଠିନ ମମ ଭାଲେ ପିଟି ହେବା
ପାଗଳିଣୀ ମୁଠା ମୁଠା ଫିଙ୍ଗି ମାରେ
ରଙ୍ଗ - ପଥ ଧୂଳି।
ମାରେ ଦେହେ ଝରଣାର କୁଳୁ-ଧ୍ୱନି
ପଦ୍ମବନେ ଅଲରା ତା
ଖୋଷା ପଡ଼େ ଖୋଲି
ମୁହିଁ ଧାଏଁ ପଛେ ତା'ର ଦୁରନ୍ତ ଉଲ୍ଲାସେ।
ଲୁଚଇ ଆଲୋକ ବିଶ୍ୱ ଚନ୍ଦ୍ର ସୂର୍ଯ୍ୟ ତାରା
ପଦ-ଭୟ ତ୍ରାସେ।
ଦୀର୍ଘ ରାଜପଥ - ଅଜଗର ସଂକୁଚିତ ହୁଏ କ୍ଷଣେ କ୍ଷଣେ
ଧରଣୀର କୂର୍ମ ପୃଷ୍ଠ ଦୀର୍ଣ୍ଣ ଜୀର୍ଣ୍ଣ ହୋଇ ଉଠେ ମତ୍ତ ମୋର
-ପ୍ରମତ୍ତ ଘର୍ଷଣେ !
ପଶ୍ଚାତ୍‌ରେ ଛୁଟିଆସେ ମେଘ ଐରାବତ ସେନାଦଳ
ଗଜଗତି-ଦୋଳାଛନ୍ଦେ। ସ୍ୱର୍ଗେ ବାଜେ ବାଦଲ-ମାଦଳ।
ଶୋଷିନେଇ ସେଇମାନେ ଶୁଣ୍ଢେ ଶୁଣ୍ଢେ ସପତ-ସାଗର
ଉବୁଡାଧରଣୀ ପୃଷ୍ଠେ ଉଦ୍‌ଗାରନ୍ତି ନିୟୁତ ଲକ୍ଷ ବାରି-ତୀର-ଧାର।
ବହିଯାଏ ଧରା-କ୍ଷତ-ରସେ
ସହସ୍ର ପଙ୍କିଳ ସ୍ରୋତ ଧାର
ବରଷାର ବୁକେ ଝଳେ ଜଳ-ମାଳାହାର।
ମୁହିଁ ଝଡ଼, ବ୍ୟୁତ୍ପାତର ସେନାପତି, ଖେଳେଁ ମୃତ୍ୟୁଖେଳା
ଘୂର୍ଣ୍ଣନୀୟା ପ୍ରିୟାସାଥେ। ଦୁର୍ଯୋଗର ହୁଳହୁଳି ମେଳା
ଧାଏଁ ମମ ଅଶ୍ରାନ୍ତ ପଶ୍ଚାତେ।
ମମ ପ୍ରାଣ ସଙ୍ଗେ ମାତି ନିଖିଳର ଶିଖୀ-ପ୍ରାଣ
ମୁହୁର୍ମୁହୁ ମାତେ।
ଶ୍ୟାମ ସ୍ୱର୍ଣ୍ଣ ପତ୍ରେ ପୁଷ୍ପେ କମ୍ପେ ତାର ଅନନ୍ତ କଳାପ -
ଦାରୁଣ ଝପଟେ ମମ ଜାଗିଉଠେ ଅଗ୍ନିସ୍ରାବୀ ଜ୍ୱଳନ୍ତ-ପ୍ରଳାପ
ଭୂମିକମ୍ପ-ଜରଜର ଥରଥର ଧରିତ୍ରୀର ମୁଖେ !
ବାସୁକୀ-ମନ୍ଦର ସମ ମନ୍ଥନେ ମନ୍ଥନେ ମମ
ସିନ୍ଧୁତଟ ଭରେ ଫେଣ-ବୁକେ।
ଜାଗି ଉଠେ ମମ ସେଇ ସୃଷ୍ଟିସିନ୍ଧୁ-ମନ୍ଥନ ବ୍ୟଥାରେ ହାୟ
ରବିଶଶି ତାରକାର ଅନନ୍ତ ବୁଦ୍‌ବୁଦ; ଉଠି ଭାଙ୍ଗିଯାଏ
କେତେ ସୃଷ୍ଟି କେତେ ବିଶ୍ୱ ମୋହର
ଆନନ୍ଦ-ଗତିପଥେ।

ଶିବର ସୁନ୍ଦର ଧ୍ରୁବ-ଆଖି
ଯମର ଆରକ୍ତ ଘୋର ମଶାଲ-ନୟନ-ଦୀପ ମମ ରଥେ ।
ଜୟଧ୍ୱନି ବାଜେ ମୋର ସ୍ୱର୍ଗଦୂତ 'ମିକାଇଲ୍‌ର ଜ୍ୱଳନ୍ତ' ଡେଣାରେ
ଅନନ୍ତ-ବନ୍ଧନ-ନାଗ ଶିରସ୍ତ୍ରାଣ ଶୋଭେ ଶିରେ ।
ଶିଖି ଚୂଡା ତହିଁ
ଶନିର ଅଶନୀ ଏଇ ଧୂମକେତୁ ଶିଖା,
ପଶ୍ଚାତେ ଦୋଳୁଛି ମୋର ଅନନ୍ତ-ଅନ୍ଧାର ଚିର-ରାତ୍ରି ଯବନିକା ।
ଜଟା ମୋର ନୀହାରିକା ପୁଞ୍ଜ-ଧୂମ-ପାଟଳ ପିଙ୍ଗଳ
ବହେ ତହିଁ ରକ୍ତ-ଗଙ୍ଗା ନିପୀଡ଼ିତ ନିଖିଳର ଲୋହିତ ନିଷ୍ଫଳ ।
ଝଡ଼ - ଝଡ - ଝଡ଼ ମୁହିଁ - ମୁହିଁ ଝଡ଼
କ୍କଡ଼୍ କ୍କଡ କ୍କଡ୍-
ବଜ୍ରବାୟୁ ଦନ୍ତେ-ଦନ୍ତେ ଘର୍ଷି ଚଳେଁ କ୍ରୋଧେ ।
ଧୂଳି - ରକ୍ତ ବାହୁ ମମ ବିନ୍ଧ୍ୟାଚଳ ସମ
ରବି ରଶ୍ମି ପଥ ରୋଧେ ।
ଝଣ୍ ଝଣ୍ ଝଟକେ ମମ
ଭୀତ କୂର୍ମ ସମ
ସହସା ସୃଷ୍ଟିର ଖୋଳେ ନିୟତି ଲୁଚଇ
ମୁହିଁ ଝଡ଼, ଜୁଲୁମ୍‌ର ଜଞ୍ଜିର ମଞ୍ଜୀର
ତ୍ରସ୍ତ ମୋର ପାଦରେ ବାଜଇ ।
ଧକ୍କାର ଧମକେ ମମ ଖିନ୍ ଭିନ୍ ନିଷିଦ୍ଧର ନିରୁଦ୍ଧ ଦୁଆର,
ସାଗରେ ବାଡ଼ବ ଲାଗେ, ମଡ଼କ ମରୁଡ଼ି ଧରେ ଧୋଇରେ ମୋହର ।
କୈଳାସେ ଉଲ୍ଲାସେ ଘୋଷେ ଡମ୍ବରୁ ଡିଣ୍ଡିମ
ଧ୍ରିମ୍ ଧ୍ରିମ୍ ଧ୍ରିମ ।
ଅମ୍ବରରେ ଡଙ୍କାର ଦମ୍ଭୋଳି
ସୃଜନର ବୁକେ ଆଣେ ଅଶ୍ରୁ-ବନ୍ୟା ବ୍ୟଥା ଉତରୋଳି ।
ଭଣ୍ଡାରେ ସଂଚିତ ମମ ଦୁର୍ବାସାର ହିଂସା କ୍ରୋଧ ଶାପ ।
ଭୀମା ଉଗ୍ରଚଣ୍ଡ । ଫିଙ୍ଗେ ଉଲ୍କାରୂପୀ ଅଗ୍ନି-ଅଶ୍ରୁ
ସହ୍ୟକରି ନ ପାରି ମୋ ତାପ ।
ମୁହିଁ ଝଡ଼, ପାଦ ତଳେ 'ଆତଙ୍କ' କୁଞ୍ଜର,
ହସ୍ତେ ମୋର 'ମାଭୈଃ' ଅଙ୍କୁଶ ।
ମୁହିଁ କହେଁ, ଛୁଟି ଚାଲ୍ ପ୍ରଳୟର ଲାଲ ଝଣ୍ଡା ହାତେ,
ହେ ନବୀନ ପୌରୁଷ ପୁରୁଷ !
ସ୍କନ୍ଧେତୋଳ ଉଦ୍ଧତ ବିଦ୍ରୋହ ଧ୍ୱଜା,
ରେ କଣ୍ଟକ ଅଶଙ୍କ ନିର୍ଭୀକ !

ପୁରୁଷ କ୍ରନ୍ଦନ-ଜୟୀ, -ଦୁଃଖ ଦେଖି ଦୁଃଖ ପାଏ-
ଧିକ ତାରେ ଧିକ୍ !
ମୁହିଁ କହେଁ, ବିଶ୍ୱ-ଗୋଳା ନେଇ ଖେଳ ଲମ୍ଫ ଝମ୍ପ ଖେଳା ।
ବୀର ନିଅ ବିପ୍ଳବର ଲାଲ-ଯୋଡ଼ା,
ଭୀରୁ ନେଇପାରେ-ଦୌଡ଼ ପଳାୟନ-ଭେଳା ।
ମୁହିଁ କହେଁ, ପ୍ରାଣାନନ୍ଦେ ପିଇ ନେ ରେ ବୀର,
ଜୀବନ-ରସନା ଦେଇ ପ୍ରାଣଭରି ମୃତ୍ୟୁ-ଘନ କ୍ଷୀର ।
ମୁହିଁ କହେଁ, ନରକର ନିଆଁ ମାଖି ଚାଲିଆସ୍
ଜ୍ୱାଳାକୁଣ୍ଡ ସୂର୍ଯ୍ୟର ହାମାମେ
ରୌଦ୍ରର ଚନ୍ଦନ-ରୁଚି, ଉଠି ବସ୍ ଗଗନର ବିପୁଳ ତାନ୍‌ଜାମେ
ମୁହିଁ ଝଡ଼ ମହାଶତ୍ରୁ ସ୍ୱସ୍ତି-ଶାନ୍ତି-ଶ୍ରୀର,
ମୁହିଁ କହେଁ, ଶ୍ମଶାନ ସୁସୁପ୍ତି ଶାନ୍ତି-
ଜୟନାଦ ମୁହିଁ ଅଶାନ୍ତିର ।
ପଶ୍ଚିମରୁ ପୂର୍ବଯାଏ ଝନ୍‌ଝନା ଝାଞ୍ଜର,
ଝଞ୍ଜା-ଜଗଝମ୍ପ ଘୋର
ବଜାଇ ଚଳେଁ ମୁଁ ଝଡ଼
ଝନାଦ୍ ଝନାଦ୍ ଝନ୍
ଝମର୍ ଝମର୍ ଝନ୍ ଝନନ୍ ଝନନ୍ ଶନ୍
ହୁହୁ ହୁହୁ ହୁହୁ-
ସହସା କଂପିତ କଣ୍ଠ-କ୍ରନ୍ଦନ ଶୁଣେ କାହାର-
'ଉହୁ! ଉହୁ ଉହୁ ଉହୁ ।'
ସଜଳ କଜଳ-ପକ୍ଷ୍ମ କେ ସିକ୍ତବସନା ଏକାକିନୀ
ବିରହିଣୀ ମୁକୁଳା କେଶରେ
ପିଞ୍ଜରାର କଳା ମେଘେ କପୋତିନୀ ।
ନୟନ-ଗଗନେ ତା'ର ଘନାଏ ବାଦଲ,
ଭିଜିଅଛି ଆଖିର କଜଳ,
ମଳିନ କରିଛି ତା'ର କଳା ଆଖି-ତାରା
ବାଆରେ ଉଡ଼ଇ
କେତକୀର ପୀତ ପରିମଳ ।
ଏ କେଉଁ ଶ୍ୟାମଳୀ ପରୀ ପୂର୍ବ ପରୀସ୍ଥାନେ କାନ୍ଦି ଫେରେ
ନବୋଦ୍‌ଭିନ୍ନ କଢ଼-କଦମ୍ବର ବନେ ଯୌବନ ବ୍ୟଥାରେ ।
ଜାଗିଛି ବାଳାର ବୁକେ ବୁକଭରା ବ୍ୟଥା ଆଉ କଥା ।
କଥା ଖାଲି କାନ୍ଦେ ପ୍ରାଣ
ବ୍ୟଥା ଖାଲି ବୁକେ ବନ୍ଧା, ମୁଖେ ଫୁଟେ ଖାଲି ବ୍ୟାକୁଳତା ।
କଦମ୍ବ ତମାଳ ତଳେ ପିଆଶାଳ ତଳେ

ଶ୍ୟାମଳ-ଅଳତା ତା'ର ପୋଛି ପୋଛିଯାଏ ଦୂର୍ବାଦଳ ମଖମଲେ ।
ବାନ୍ଧେ ବେଣୀ କିଆ-କଣ୍ଟା ବନେ ।
ବିଦେଶିନୀ ପୂଜାରିଣୀ ଏକମନେ ମେଘଡାକ ଶୁଣେ ।
ଦର୍ଦ୍ଦୁରର ସାଦର 'କଜରୀ'
ଶୁଣେ ଆଉ ଆଖି-ମେଘ କଜଳ ଝରାଏ
ଦୁଃଖ ବାରି ପଡ଼େ ଝରିଝରି ।
ରିମ୍ ଝିମ୍ ରିମ୍ ଝିମ୍-ରିମି ରିମି ରିମ୍ ଝିମ୍
ବାଜେ ପାଉଁଜର-
କିଏ ଗୋ ପୂରବୀ ବାଳା ? ଆଉ ଯେହ୍ନେ ପାଉ କାଇଁ ଜୋର
ଚଳା-ପାଦେ ମୋର , ଏ ବାଜା ମୋହରି ବୁକେ ବାଜେ
ଝିଲ୍ଲୀର ଝୁମ୍ ଝିନି ଝିନି
ଶୁଣେ ଯେହ୍ନେ ମୋର
ପ୍ରତି ରକ୍ତବିନ୍ଦୁ ମଧ୍ୟେ ରାଜେ ।
ମୁହିଁ ଝଡ଼ ? ଝଡ଼ ମୁହିଁ ?- ନା, ନା, ମୁହିଁ ବାଦଲର ବାଆ
ବନ୍ଧୁ ! ଝଡ଼ ନାଇଁ
କାହିଁ ?
ଝଡ଼ କାହିଁ ?
ବିପ୍ଳବର ଲାଲ-ଘୋଡ଼ା ଏଇ ଡାକେ ଏଇ-
ଏଇ ଶୁଣ, ଶୁଣ ତା'ର ହ୍ରେଷା ମନ୍ଦ୍ରନାଦ
ଏଇ ତା'ର କ୍ଷୁରାହତ ମେଘେ ।
ନା, ନା, ଆଜି ମୁଁ ଯାଉଛି ପୁନଶ୍ଚ ଆସିବି ଫେରି
ହେ ବିଦ୍ରୋହୀ ବନ୍ଧୁମୋର ରହିଥାଅ ଜାଗି ।
ତୁମେ ରକ୍ଷୀ ଏ ରକ୍ତ ଅଶ୍ୱର,
ହେ ବିଦ୍ରୋହୀ ଅନ୍ତରଦେବତା !- ଶୁଣ ଶୁଣ ମାୟାବିନୀ
ଏଇ ଡାକେ ଫେର୍
ପୂରୁବା ହାୱା ରେ-!
ଯାଏ - ଯାଏ ସବୁ ଭାସିଯାଏ
ପୂରୁବା ହାୱାରେ-
ହାୟ !

---

*ମିକାଇଲ-ସ୍ୱର୍ଗୀୟ ଦୂତ ସେ ଝଡ଼ ସୃଷ୍ଟିର ନିୟନ୍ତା ।'ନାର୍'-ଅଗ୍ନି ।*

# ଯୁଗାନ୍ତରର ଗାନ

ବୋଲ ଭାଇ ମାଭୈଃ ମାଭୈଃ,
ନବଯୁଗ ଆସେ ଏଇ ଆସେ ଏଇ
ଆସେ ଏଇ ରକ୍ତ-ଯୁଗାନ୍ତର ରେ ।
ବୋଲ ଜୟ ସତ୍ୟର ଜୟ
ଆସେ ଭୈରବ ବରାଭୟ
ଶୁଣ ଅଭୟ, ଏଇ ରଥ ଘର୍ଘର ରେ ।
ରେ ବଧିର ! ଶୁଣ ପାତି କାନ
ଉଠେ ଏଇ କେଉଁ ମହାଗାନ
ହାଙ୍କେ ବିଷାଣ ଡାକେ ଭଗବାନ ରେ ।
ଜଗତେ ଚହଳ ଲାଗେ
ଉଠ୍ ଜାଗି ଉଠ୍ ଆଗେ
ଭାଙ୍ଗ ପହରା ମାୟାର କାରାଗାର ରେ ।
ଯା ଅଛି ଯାଉ ନା ଚୁଲୀରେ
ଓହ୍ଲାଅ ପଥ ଧୂଳିରେ
ନିଶାଣ ଖେଳାଇ ଏଇ ପ୍ରଳୟର ଝଡ଼ ରେ ।
ସେ ଝଡ଼ର ଝପଟ ଲାଗି
ଭୀମ ଆବେଗେ ଉଠିଲି ଜାଗି
ପାଷାଣ ଭାଙ୍ଗି ପ୍ରାଣ-ଝରା ନିର୍ଝର ରେ ।
ଭୁଲିଛି ମୁହିଁ ପର ଆପଣ
ଛିନ୍ନ କରି ଘର ବନ୍ଧନ
ସ୍ୱଦେଶ ସ୍ୱଜନ ସ୍ୱଦେଶ ମୋହର ଘର ରେ ।
ଯେଉଁମାନେ ଭାଇ ବନ୍ଦ କୂଅରେ
ଜୀବନ ଯାପନ୍ତି ମାଡ଼ର ଭୟରେ
ତାଙ୍କୁ ଶୁଣାଏଁ ପ୍ରାଣ, ଉତ୍ଥାନ ମନ୍ତ୍ର ରେ ।

--- ୦ ---

ଝଡ଼-ଝାଡ଼ରେ ଝଣ୍ଡା ଦୋହଲେ
ମାଭୈଃ ବାଣୀର ଡଙ୍କାର ତାଳେ
ଶଙ୍କା ଛାଡ଼ି ହାଙ୍କେ ପ୍ରଳୟଙ୍କର ରେ ।
ତୁମରି ଏଇ ଚରଣ ଚାପେ
ଯେହ୍ନେ ଭାଇ ମରଣ କଂପେ
ମିଥ୍ୟା ପାପର କଣ୍ଠ ଚାପିଧର ରେ ।

ଶୁଣାଅ ତୁମରି ବୁକଭରା ଗାନ
ଜଗାଅ ଫେର୍ ଏ ଦେଶ-ସାରା ପ୍ରାଣ
ଦିଅ ବଳିଦାନ ଯାହା ବି ଆତ୍ମପର ରେ !

--- o ---

ଆମେ ଭାଇ ବାଉଲ୍ ଚାରଣ,
ମାନୁ ନା ଶାସନ ବାରଣ
ଜୀବନ ମରଣ ଆମର ହିଁ ଅନୁଚର ରେ ।
ଦେଖିଦେଇ ଏଇ ଭୟର ଫାଶ
ହସି ଦେଉ ଜୋର ଜୟର ହସ
ଆମେ ଅବିନାଶୀ ନାହିଁ ତ ଆମରି ଡର ରେ ।
ଗାଇଯାଉ ଗାନ ଗାଇଯାଉ
ମଲାପ୍ରାଣ ଜଗାଇ ଦେଖାଉ
ଖାର-ତଳେ ଭାଇ ଅଗ୍ନି ଭୟଙ୍କର ରେ ।

--- o ---

ଖୋଳିବୁ କବର ତାଡ଼ିବୁଁ ଶ୍ମଶାନ
ମଡ଼ାର ହାଡ଼ରେ ନଚାଇବୁଁ ପ୍ରାଣ
ଆଣିବୁଁ ବିଧାନ ନିଦାନ କାଳର ସ୍ୱର ରେ ।
ଖାଲି ଏଇ ଭରସା ରଖ
ମରି ନାହିଁ ଚେତା ହାରିଛ
ହେଇ ଶୁଣିଛ କି ଭାରତ ବିଧିର ସ୍ୱର ରେ ।
ଧର ହାତ ଉଠ ଏଥର
ଦୁର୍ଯୋଗର ରାତ୍ରି ଆଖର
ଏହି ହସେ ମାଆର ମୂର୍ତି ମନୋହର ରେ ।

---

*ଜନୈକ ଅଗ୍ନି- ସୈନିକଙ୍କର ଛଅ ବରଷ କାରା-ଭୋଗ ପରେ ମୁକ୍ତି ଉପଲକ୍ଷେ ଅଭିନନ୍ଦନ ଗୀତି ।*

# ବିଦ୍ରୋହ ବାଣୀ

(୧)

ତୁମକୁ ମୋ ରାଣ ! ଏଇଥର ତୁମେ ସତରେ ସତ୍ୟ ବୋଲ !
ଢେର୍ ଦେଖାଇଲ ଲୁଚାଲୁଚି, ଢେର ମିଥ୍ୟା ଛଳ !
ତୁମେ ଏଥର ସତ୍ୟ ବୋଲ !!
ପେଟେ ଗୋଟେ ଆଉ ମୁହଁରେ ଅଲଗା - ଏଇ ଯେ ତୁମରି ଭଣ୍ଡାମି,
ଏଇଥିରେ ତୁମେ ଲୋକହସା ହେଲ - ବିଶ୍ୱେ ହେଲ କମ୍ ଦାମି ।
ନିଜ ନିକଟେ ବି କ୍ଷୁଦ୍ର ହୋଇଲ ଆପଣା ଫାଙ୍କିର ଅବଶେଷେ,
ବାହାରେ ଫାଙ୍କା ପଇଁତରା ତେଣୁ ନାହିଁ ତଲୋୟାର ଖାପକୋଷେ ।
ତେଣୁ ହେଲ ଖାଲି ଆଜ
କାପୁରୁଷ ଆଉ ଧୋକ୍କାବାଜ
ସତ କହିବାକୁ ଡରୁଛ ତୁମେ, ତୁମହାତେ ଆଉ କି ହେବ କାର୍ଯ୍ୟ ।
ଫମ୍ପା ଅଲାଜୁକେ କି ଅଛି ଲାଜ ।
କୁଣ୍ଡାଝଡ଼ା ବରଷା ଦେଖି ଧାଇଁ ପଳାଇଲ ଛାଗଳ ରାଜ !
ଯୁକ୍ତି ତୁମର ଖୁବ୍ ବୁଝିଛି, ପାଣି କେତେ କ୍ଷୀର କେତେ ଅଛି ଅନ୍ଦାଜ୍ ?
ଏଥର ତୁମେ ସତ୍ୟ ବୋଲ ।

(୨)

ବୁକୁର ଭିତରେ ଛ'-ପାହି ନ'-ମୁହଁରେ କହୁଛ ସ୍ୱରାଜ ଚାହି,
ସ୍ୱରାଜ ଅର୍ଥ ତୁମରି ପାଖରେ ସ୍ୱଚ୍ଛ ହୋଇଛି ଦରଦ୍ ତା' ହିଁ !
'ଭାରତ ହେବ ଭାରତବାସୀର'- ଏଇ କଥା କହି ପାରୁନ ଭୟେ !
ସେହି ବୁଢ଼ାଙ୍କୁ ବୋଲୁଛୁ ନେତା - ତାଙ୍କ କଥାରେ ଯିବାକୁ ହୁଏ ।
ବୋଲରେ ତୁମେ ବୋଲ ନବୀନ-
ଚାହୁଁ ନା ଏ ସବୁ ଜ୍ଞାନ ପ୍ରବୀଣ ।
ସ୍ୱରୂପେ ନିଜର ଦେଶକୁ ଏମାନେ କ୍ଲୀବ କରନ୍ତି ଦିନକୁ ଦିନ ।
ଚାହାଁନ୍ତିନି ଏଇମାନେ - ଆମେ ହେଉଁ ସ୍ୱାଧୀନ ।
କର୍ତ୍ତା ହେବାର ସଉକ ସବୁରି, ସ୍ୱରାଜ - ଫରାଜ ଛଳ କେବଳ ।
ଫାଙ୍କା ପ୍ରେମର ଫୁସ୍ ମନ୍ତର, ମୁଖ ସରଳ ଓ ମନ ଗରଳ ।
ଏଥର ତୁମେ ସତ୍ୟ ବୋଲ

(୩)

ମହାନ୍ - ନେତା ନେତାର ଦଳେ ତୋଳରେ ତରୁଣ ତୁମରି ନାବେ
ସେମାନେ ଆମରି ଦେବତା ସଭିଏଁ, କରିବୁଁ ପ୍ରମାଣ ତାଙ୍କରି ଠାବେ ।

ଜାଣିଛ ତ ଭାଇ ଶେଷ ବୟସରେ ସ୍ୱତଃ ହିଁ ସବୁରି ମରଣେ ଭୟ,
ଝଡ଼ - ତୋଫାନରେ ତାଙ୍କରି ଦେଇ ନୁହଁ ତରୀ ପାରି କରିବା ନୁହଁ !
ଯୁଆନ ହାଲ୍ ଧରିବେ ତା'ର
କରିବେ ତରୀ ତୁଫାନ ପାର !
ଆଲ୍ଲା ବୋଲି - ମାଲ୍ଲା ତରୁଣ
ଏଇ ତୋଫାନେ ଲକ୍ଷ ହଜାର
ପ୍ରାଣ ଦେଇ ତ୍ରାଣ କରିବେ ମା' ର ।
ସେଇଦିନ କର ଏ ନେତା ସବୁର ଧ୍ୱଂସ ଶେଷର ସୃଷ୍ଟିକଳ
ଭୟ - ଭୀରୁତା ଥାଉଣୁ ଦେଶେ, ଦେଶପ୍ରେମ
ଫଳେ ଘଣ୍ଟାଫଳ !
ଏଥର ତୁମେ ସତ୍ୟ ବୋଲ !

(୪)

ଧର୍ମ କଥା ପ୍ରେମର ବାଣୀ ଜାଣେ ମହାନ୍ ଉଚ୍ଚ ଖୁବ୍,
କିନ୍ତୁ ସାପର ଦାନ୍ତ ନ ଭାଙ୍ଗି ମନ୍ତ୍ର ଝାଡ଼େ ଯେ ସେଇ ବେକୁବ୍
''ବ୍ୟାଘ୍ର ସାହେବ, ହିଂସାଛାଡ଼ , ପଢ଼ିବ ଆସ ବେଦାନ୍ତ,''
କହେ ଯଦି ଛାଗ, ଲମ୍ଫ ରେ ବାଘ ପାଲଟି ଯିବ କୃତାନ୍ତ ।
ଥାଉଣୁ ବାଘର ଦନ୍ତ-ନଖ,
ବିଫଳ ଭାଇ ଏ ପ୍ରେମ - 'ସବକ'
ଆଖିର ଜଳେ ବୁଡ଼ିଲେ ଗର୍ବ ଶାର୍ଦ୍ଦୁଳ ହୁଏ ବେଦ-ପାଠକ ?
ପ୍ରେମ ମାନେନା ଖୁନ୍ - ଖାଦକ ।
ଧର୍ମଗୁରୁ ଧର୍ମ ଶୁଣାଅ, ପୁରୁଷ ପୁଅ ଯୁଦ୍ଧେ ଚଳ !
ସେ ବି ଆଚ୍ଛା, ମରିବି ପିଇ ମୃତ୍ୟୁ - ଶୋଣିତ - ଏଲ୍‌କୋହଲ୍ !
ଏଥର ତୁମେ ସତ୍ୟ ବୋଲ !!

(୫)

ପ୍ରେମିକ ଠାକୁର ମନ୍ଦିରେ ଯାଅ, ଗଢ଼ ସେଠାରେ ଆସ୍ତାନା !
ଶବ ଶିବାରେ ଶିବ କେଶବର - ତୁମ୍ଭେ ତାଙ୍କ ରାସ୍ତା ନା !
ମୃତରେ ସାମିଲ୍ ଏବେ ତ ସେମାନେ ପୂଜା ତାଙ୍କ ଜୋର୍‌ସେ ହାଙ୍କ,
ଧର୍ମ ଗୁରୁର ଗୋର-ସମାଧି ପୂଜଇ ଯେସନ ନିତ୍ୟଲୋକ !
ତରୁଣ ଚାହେଁ ଯୁଦ୍ଧ ଭୂମ !
ମୁକ୍ତି ସେନା ଚାହେଁ ହୁକୁମ !
ଚାହୁଁ ନା 'ନେତା', ଚାହୁଁ 'ଜେନେରାଲ୍', ପ୍ରାଣ ମତାଣିଆ ଛୁଟୁ ଧୁମ୍ !
ମାନବ-ମେଧର ଯଜ୍ଞଧୂମ !
ପ୍ରାଣ ଅଙ୍ଗୁର ଚିପୁଡ଼ା ରସର - ସେଇ ତ ଆମରି ଶାନ୍ତି - ଜଳ !

ସୁନା ମାଣିକ ଭାଇମାନେ ମୋର ! ଆସ୍ମ ଯିବ ତ ତୁରିତେ ଚଳ !
ଏଥର ତୁମେ ସତ୍ୟ ବୋଲ !

(୬)

ଯେଉଁଠି ମିଥ୍ୟା ଭଣ୍ଡାମି ଭାଇ କରିବୁଁ ସେଠାରେ ବିଦ୍ରୋହ !
ପିଛାଧରା ଜାମା-ଧରା ! ମରଣ-ଭୀରୁ ଚୁପ୍ ରହ !
ଆମେ ହିଁ ଜାଣୁ ସିଧା କଥା, ପୂର୍ଣ୍ଣ ସ୍ୱାଧୀନ କରିବୁଁ ଦେଶ !
ଏଇ ଦୋଳାଇଲୁଁ ବିଜୟ-ନିଶାଣ, ମରିବାର ଥିଲେ-ମରିବୁଁ ଶେଷ !
ନରମ ଗରମ ପଚି ଯାଇଛି, ଆମେରେ ନବୀନ ଚରମ ଦଳ !
ଡୁବି ନାହୁଁ, ଡୁବିବାକୁ ରହିଛୁଁ, ସ୍ୱର୍ଗ ନହେଲେ ପାତାଳ ତଳ ।

# ସାମ୍ୟବାଦୀ

ଗାଏଁ ସାମ୍ୟର ଗାନ-
ଯେଉଁଠାରେ ଆସି ଏକ ହୋଇଅଛି ସବୁ ବାଧା-ବ୍ୟବଧାନ
ଯେଉଁଠି ମିଶିଛି ହିନ୍ଦୁ-ବୌଦ୍ଧ-ମୁସ୍‌ଲିମ୍ ଖ୍ରୀଷ୍ଟାନ୍ !
ଗାଏଁ ସାମ୍ୟର ଗାନ !
କିଏ ତୁମେ ? - ପାର୍ସି ? ଜୈନ ? ଇହୁଦୀ - ଭୀଲ ଗାରୋ ସାନ୍ତାଳ ?
କନ୍‌ଫୁସିଅସ୍ ? ଚାର୍ବାକ୍ ଚେଲା ? ବୋଲିଯାଅ ବୋଲ ବୋଲ !
ବନ୍ଧୁ, ଯାହା ଖୁସି ହୁଅ
ପେଟରେ ପିଠିରେ କାନ୍ଧେ ଯାହା ପେଥି ଓ କିତାବ ବୋହ,
କୋରାନ - ପୁରାଣ ବେଦ ବେଦାନ୍ତ - ବାଇବେଲ - ତ୍ରିପିଟକ -
ଜେନ୍ଦାବେସ୍ତା - ଗ୍ରନ୍ଥ ସାହବ ପଢ଼ ଯେତେ ଯା ସଉକ -
କିନ୍ତୁ କିଆଁ ଏ ପଣ୍ଡଶ୍ରମ, ମଗଜେ ହାଣୁଛ ଶୂଳ !
ଦୋକାନରେ କିଆଁ ଦର କଷାକଷି ? - ପଥେ ଫୁଟେ ତାଜା ଫୁଲ ?
ତୁମଠି ରହିଛି ସକଳ କିତାବ ସକଳ କାଳର ଜ୍ଞାନ,
ସକଳ ଶାସ୍ତ୍ର ପାଇବ ସଖା, ଖୋଲି ଦେଖ ନିଜ ପ୍ରାଣ !
ତୁମଠି ରହିଛି ସକଳ ଧର୍ମ, ସକଳ ଯୁଗାବତାର,
ତୁମରି ହୃଦୟ ବିଶ୍ୱଦେଉଳ ସକଳର ଦେବତାର !
କିଆଁ ଖୋଜିବୁଲ ଦେବତା ଠାକୁର ମୃତ ପୋଥି-କଙ୍କାଳେ ?
ହସନ୍ତି ସିଏ ଅମୃତ ହୃଦ ନିଭୃତ ଅନ୍ତରାଳେ ।
ବନ୍ଧୁ କହିନି ଝୁଟ୍,
ଏଇଠାରେ ଆସି ଲୋଟି ଲୋଟି ପଡ଼େ ସକଳ ରାଜ ମୁକୁଟ ।
ଏହି ହୃଦୟ ହିଁ ସେ ନୀଳାଚଳ, କାଶୀ, ମଥୁରା, ବୃନ୍ଦାବନ,
ବୁଦ୍ଧ ଗୟା, ଜେରୁଜେଲମ୍ ଏହି, ମଦୀନା କାବା ଭବନ,
ମନ୍ଦିର ଏଇ ମସ୍‌ଜିଦ୍ ଏଇ, ଗିର୍ଜା ଏ ହୃଦୟ,
ଏଇଠି ପାଇଲେ ବସି ଇସା ମୂସା ସତ୍ୟର ପରିଚୟ !
ଏଇ ରଣ - ଭୂମେ ବଂଶୀ - କିଶୋର ଗାଇଗଲେ ମହାଗୀତା,
ଏଇ ପ୍ରାନ୍ତରେ ମେଷ ରଖୁଆଳ ହୋଇଲେ ଖୋଦାର ମିତା !
ଏଇ ହୃଦୟର ଧ୍ୟାନ ଗୁମ୍ଫାରେ ବସିଣ ଶାକ୍ୟମୁନି,
ତେଜିଲେ ରାଜ୍ୟ ମାନବର ମହାବେଦନାର ଡାକ ଶୁଣି ।
ଏଇ କନ୍ଦରେ ଆରବ - ଦୁଲାଲ ଶୁଣିଥିଲେ ଆହ୍ୱାନ,
ଏଇଠାରେ ବସି, ଗାଇଥିଲେ ବସି କୋରାନର ସାମଗାନ,
ମିଥ୍ୟା ଶୁଣିନି ଭାଇ,
ଏଇ ହୃଦୟର ଠାରୁ ବଡ଼ କେଉଁ ମନ୍ଦିର କାବା ନାହିଁ !

# ଈଶ୍ୱର

କିଏ ତୁମେ ଭାଇ ଖୋଜ ଜଗଦୀଶ ଆକାଶ ପାତାଳ ଧରି
କିଏ ତୁମେ ଘୂର ବନଜଙ୍ଗଲେ ପାହାଡ଼ ଚୂଡ଼ାରେ ଚଢ଼ି ।

ହାୟ କବି, ଦରବେଶ
ବୁକୁର ମାଣିକ ବୁକେ ଧରି ତୁମେ ଖୋଜ ତାରେ ଦେଶ ଦେଶ ।

ସୃଷ୍ଟି ରହିଛି ତୁମ ଆଡ଼େ ଚାହିଁ, ତୁମେ ଅଛ ଆଖି ବୁଜି,
ସ୍ରଷ୍ଟାରେ ଖୋଜ - ଆପଣାରେ ତୁମେ ଆପଣେ ମରୁଛ ଖୋଜି !

ଇଚ୍ଛା - ଅନ୍ଧ । ଆଖି ଖୋଲ, ଦେଖ ଦର୍ପଣେ ନିଜ କାୟା,
ଦେଖିବ, ତୁମରି ସବୁ ଅବୟବେ ପଡ଼ିଛି ତାହାରି ଛାୟା !

ଶିହରି ଉଠନା ଶାସ୍ତ୍ରବିଦ୍‌ରେ କରନାହିଁ ବୀର ଭୟ-
ସେମାନେ ଖୋଦାଙ୍କ ଖୋଦ୍ 'ପ୍ରାଇଭେଟ୍ ସେକ୍ରେଟାରୀ'ତ ନୁହ ।

ସକଳ ମଧ୍ୟେ ପ୍ରକାଶ ତାଙ୍କ ମଧ୍ୟେ ସେ ସକଳର
ଦେଖି ମତେ ଚିହ୍ନି ନିଅ ହେ ଅଦେଖା ଜନ୍ମଦାତାରେ ମୋର ।

ରତ୍ନ ନେଇଣ ବିକା କିଣାକର ବଣିକ ସିନ୍ଧୁକୂଳେ -
ରତ୍ନାକରର ଖବର ତା ବୋଲି ପୁଛ ନା କାହାକୁ ଭୁଲ୍‌ରେ ବି ଥରେ ହେଲେ !

ରତ୍ନ ବଣିଆ ହୋଇ
ମନେ କରେ ସିଏ ରତ୍ନ ଚିହ୍ନି ରତ୍ନାକରକୁ ପାରିଛି ଚିହ୍ନି ନେଇ ।

ଡୁବି ନାହିଁ ସେହି ଅତଳ ଗଭୀର ରତ୍ନ - ସିନ୍ଧୁ ତଳେ,
ଶାସ୍ତ୍ର ନ ଘାଣ୍ଟି ବୁଡ଼ିଯାଅ ସଖା, ସତ୍ୟ ସିନ୍ଧୁ ଜଳେ !

# ମଣିଷ

ଗାଏଁ ସାମ୍ୟର ଗାନ-
ମଣିଷର ଠାରୁ ବଡ଼ କିଛି ନାଇଁ, ନାଇଁ କିଛି ମହୀୟାନ ।
ନାହିଁ ଦେଶ-କାଳ - ପାତ୍ରର ଭେଦ, ଅଭେଦ ଧର୍ମ ଜାତି,
ସବୁ ଦେଶେ ସବୁକାଳେ ଘରେଘରେ ସେହିଁ ମଣିଷର ଜ୍ଞାତି ।

ପୂଜାରୀ, ଦୁଆର ଖୋଲ,
କ୍ଷୁଧାର ଠାକୁର ଠିଆ ଦୁଆରରେ ହେଲାଣି ପୂଜାର ବେଳ ।
ସ୍ୱପନ ଦେଖିଣ ଆକୁଳ ପୂଜାରୀ ଖୋଲିଲେ ଭଜନାଳୟ;
ଦେବତାର ବରେ ଆଜ ରାଜାଫାଜା ହୋଇଥିବେ ନିଶ୍ଚୟ ।

ଜୀର୍ଣ୍ଣ-ବସ୍ତ୍ର ଶୀର୍ଣ୍ଣ-ଗାତ୍ର କ୍ଷୁଧାରେ କଣ୍ଠ କ୍ଷୀଣ
ଡାକିଲା ପାନ୍ଥ, 'ଦ୍ୱାର ଖୋଲ ବାବା, ଖାଇ ନାହିଁ ସାତଦିନ' ।
ସହସା ବନ୍ଦ ହେଲା ମନ୍ଦିର ଭୋକିଲା ଫେରିଣ ଚଳେ,
ତିମିର ରାତ୍ରି ପଥ ସାରା ତା'ର କ୍ଷୁଧାର ମାଣିକ ଜ୍ୱଳେ ।

ଭୋକିଲା ଡାକିଣ କହେ,
'ଏଇ ମନ୍ଦିର ପୂଜାରୀର, ହାୟ ଦେବତା, ତୁମରି ନୁହେଁ' !
ମସ୍‌ଜିଦେ କାଲି ସିର୍‌ଣୀ ଆସିଲା - ଅମାପ ଗୋସ୍ତ ରୁଟି,
ବଂଚି ଯାଇଛି, ମୋଲ୍ଲାସାହେବ ହସି ତେଣୁ ଲୋଟାଲୋଟି ।

ଏସନ ସମୟେ ଆସି ମୁସାଫିର ଦେହେ ଆଜାରିର ଚିନ୍
ବୋଲେ, 'ବାବା ମୁହିଁ କ୍ଷୁଧାରେ ଫାଙ୍କା ଅଛି ହେଲା ସାତ ଦିନ' !
ଖେଦି ଆସି ପାଶେ ଗର୍ଜି ମୋଲ୍ଲା, ଭଲ ଅଳସୁଆ ଏଟା,
ଭୋଖରେ ଅଛୁଟି ମର ଗୋରୁ ଗାଡ଼େ ! ନମାଜ ପଢୁ କି ବେଟା !
ଭୋଖିଲା କହିଲା, 'ନାଇଁ ବାବା !' ମୋଲ୍ଲା କହିଲେ,
'ତାହେଲେ ପଳା !
ସିଧା ପଥ ଦେଖ୍ !' ଗୋସ୍ତ ରୁଟି ନେଇ -
ମସ୍‌ଜିଦେ ଦେଲେ ତାଲା ।

ଭୋକିଲା ଫେରିଣ ଚଳେ
ଚାଲୁ ଚାଲୁ ପଥେ ବୋଲେ
ଅଶୀଟା ବରଷ କଟିଗଲା ମୁହିଁ ଡାକିନି ତୁମରେ ପ୍ରଭୁ !
ମୋହରି କ୍ଷୁଧାର ଅନ୍ନ ତା ହେଲେ ବନ୍ଦକରିନ ସବୁ !

ତବ ମସ୍‌ଜିଦ ମନ୍ଦିରେ ପ୍ରଭୁ ନାହିଁ ମଣିଷର ଦାବି,
ମୋଲ୍ଲା ପୁରୋହିତ ଲଗାଇଛନ୍ତି ସକଳ ଦୁଆରେ ଚାବି !
କାହିଁ ଚେଙ୍ଗିସ୍, ଗଜନୀ ମାମୁଦ୍, କାହିଁଛି କଳାପାହାଡ଼
ଭାଙ୍ଗି ପକାଅ ଭଜନାଳୟର ଯେତେ ତାଲାଦିଆ ଦ୍ୱାର ।
ଖୋଦା ଘରେ କିଏ କବାଟ ଲଗାଏ,
କିଏଦିଏ ସେଠି ତାଲା
ଏଦ୍ୱାର ରହିବ ଖୋଲା, ଚଳାଅ ହାତୁଡ଼ି ଶାବଳ ଚଳା !

ହାୟରେ ଭଜନାଳୟ
ତୁମରି ମିନାର ଚଢ଼ି ସେ ଭଣ୍ଡ ଗାଏ ସ୍ୱର୍ଗର ଜୟ,
ମଣିଷରେ ଘୃଣାକରି
ଓଁ କାର କୋରାନ, ବେଦ ବାଇବେଲ ଚୁମ୍ବଇ ମରି ମରି ।

ସେଇ ମୁଖ ଠାରୁ କିତାବ ଗ୍ରନ୍ଥ ନିଅ ଜୋର କରି କାଢ଼ି
ଯେମାନେ ଆଣିଲେ ଗ୍ରନ୍ଥ - କିତାବ ସେଇ ମଣିଷରେ ମାରି ।
ପୂଜନ୍ତି ଗ୍ରନ୍ଥ ଭଣ୍ଡର ଦଳ । - ମୂର୍ଖ ସବୁ ଶୁଣ,
ମଣିଷ ଆଣିଛି ଗ୍ରନ୍ଥ, ଗ୍ରନ୍ଥ ଆଣିନି କନ ।

ଆଦମ ଦାଉଦ ଈସା ମୂସା ଇବ୍ରାହିମ୍ ମୋହମ୍ମଦ
କୃଷ୍ଣ ବୁଦ୍ଧ ନାନକ କବିର - ବିଶ୍ୱର ସଂପଦ,
ଆମରି ଏମାନେ ପିତା - ପିତାମହ, ଆମରି ମଧ୍ୟେ ରାଜେ
ତାଙ୍କରି ରକ୍ତ କମ ବେଶୀ କରି ପ୍ରତି ଧମନୀରେ ରାଜେ !

ତାଙ୍କରି ଆମେ ଜ୍ଞାତି ସନ୍ତାନ, ତାଙ୍କ ସମାନ - ଦେହୀ !
କିଏ ଜାଣେ କେବେ ଆମେ ବି ସେପରି ହୋଇଯାଇପାରୁଁ କେହି
ହସ ନା ବନ୍ଧୁ ମୋହରି ମୁହିଁ ଯେ କେତେ ଅତଳ ଅସୀମ
ମୁଁ ବା କି ଜାଣେ କିଏ ଜାଣେ କିଏ ଅଛି ମୋ ମଧ୍ୟେ ମହାମହିମ ।

ହୁଏତ ମୋହରି ମଧ୍ୟେ ଆସୁଛି କଲ୍କି, ତୁମରି ମଧ୍ୟେ ଈସା,
କିଏ ଜାଣେ କାର ଅନ୍ତ ଓ ଆଦି, କିଏ ପାଏ ତା'ର ଦିଶା,
କାହାରେ କରୁଛ ଘୃଣା ତୁମେ ଭାଇ, କାହାରେ ମାରୁଛ ଲାଠି ?
ହୁଏତ ତାହାରି ବୁକେ ଭଗବାନ ଜାଗନ୍ତି ଦିବା-ରାତି !

ଅଥବା ହୁଏତ କିଛି ନୁହେଁ ସିଏ, ମହାନ ଉଚ୍ଚ ନୁହେଁ,
ଅଛି କ୍ଲେଦାକ୍ତ କ୍ଷତ ବିକ୍ଷତ ପଡ଼ି ସେ ଦୁଃଖ ଦାହେ
ତଥାପି ଏ ଯେତେ ଜଗତର ପୂତ ଗ୍ରନ୍ଥ ଭଜନାଳୟ
ଏଇ ଖଣ୍ଡିଏ କ୍ଷୁଦ୍ର ଦେହର ସମ ପବିତ୍ର ନୁହଁ ।

ହୁଏତ ତାହରି ଔରସେ ଭାଇ ତାହାରି କୁଟୀର ବାସେ
ଜନ୍ମିଛି କେହି ଜୋଡ଼ ନାହିଁ ତା'ର ଜଗତର ଇତିହାସେ !
ଯେ ବାଣୀ ଆଜି ବି ଶୁଣିନି ଜଗତ ଯେ ''ମହାଶକ୍ତି ଧରେ''
ଆଜି ବି ବିଶ୍ୱ ଦେଖିନି, -ହୁଏତ ଆସୁଛି ସେ ଏଇ ଘରେ ।
କିଏ ? ଚଣ୍ଡାଳ ? ଚମକୁଛ କିଆଁ ନୁହେଁ ସେ ଘୃଣ୍ୟ ଜୀବ !
ସିଏ ହୋଇପାରେ ହରିଶ୍ଚନ୍ଦ୍ର, ଏଇ ଶ୍ମଶାନର ଶିବ !
ଆଜି ଚଣ୍ଡାଳ, କାଲି ହୋଇପାରେ ମହାଯୋଗୀ ସମ୍ରାଟ,
ତୁମେ କାଲି ତା'ର ଅର୍ଘ୍ୟ ଟେକିବ, କରିବ ନାନ୍ଦୀ-ପାଠ !

ରଖୁଆଳ ବୋଲି କାରେ କର ହେଳା, ସେ ହେଳା କାହାକୁ ବାଜେ,
ହୁଏତ ଗୋପନେ ବ୍ରଜର ଗୋପାଳ ଆସେ ରଖୁଆଳ ସାଜେ ।
ଚଷା ବୋଲି କର ଘୃଣା
ଦେଖ ଚଷା ରୂପେ ଲୁଚିଣ ଜନକ ବଳରାମ ଆସେ କି ନା !

ଯେତେ ନବୀ ଥିଲେ ମେଷ ରଖୁଆଳ, ସେମାନେ ଧରିଲେ ହାଲ,
ସେମାନେ ଆଣିଲେ ଅମର ବାଣୀ - ଯାହା ଅଛି, ଚିରକାଳ ।
ଦ୍ୱାରେ ଗାଳି ଖାଇ ଫେରେ ନିତି ହାୟ ଭିଖାରି ଓ ଭିଖାରୁଣୀ,
ତାଙ୍କ ମଝିରେ କେବେ ଆସିଗଲେ ଭୋଳାନାଥ - ଗିରିଜା ପାରୁଛ ତାଙ୍କୁ ଚିହ୍ନି ?

ତୁମରି ଭୋଗର ହ୍ରାସ ଯଦି ହୁଏ ଭିକ୍ଷାଦାନର ଫଳ
ଦ୍ୱାରୀ ଦେଇ ତେଣୁ ମାଡ଼ ଦେଇ ତୁମେ ଦେବତାରେ ଖେଦି ଦେଲ !
ସେ ମାଡ଼ ରହିଲା ଜମା-
କିଏ ଜାଣେ ତୁମ ଲାଞ୍ଛିତା ଦେବୀ କରନ୍ତି କି ନା କ୍ଷମା !

ବନ୍ଧୁ, ତୁମରି ବୁକୁଭରା ଲୋଭ
ଆଖିରେ ସ୍ୱାର୍ଥ ଝୁଲି,
ନତୁବା ଦେଖୁଣୁ ତୁମରି ସେବିତ ଦେବତା ହୋଇଛି କୁଲି ।
ମଣିଷ ବୁକୁରେ ଯେ ଟିକ ଦେବତା, ବେଦନା ମଥିତ - ସୁଧା,
ତାକୁ ଲୁଟି ତୁମେ ଖାଇଯିବ ପଶୁ ? ସେଥିରେ ଶମିବ କ୍ଷୁଧା ?

ତୁମରି କ୍ଷୁଧାର ଆହାର ତୁମର ମନ୍ଦୋଦରୀ ହିଁ ଜାଣେ
ତୁମରି ମୃତ୍ୟୁ-ବାଣ ଅଛି ତବ ପ୍ରାସାଦର କେଉଁ କୋଣେ
ତୁମରି କାମନା ବାଣୀ,
ଯୁଗେ ଯୁଗେ ପଶୁ ପକାଏ ତୁମକୁ ମୃତ୍ୟୁ-ବିବରେ ଟାଣି ।

# ପାପ

ସାମ୍ୟର ଗାନ ଗାଏଁ
ଯେତେ ପାପୀ ତାପୀ ସଭିଏ ଭଉଣୀ ମୋର ଭାଇ ବି ସଭିଏ !
ଏ ପାପ ମୂଲକେ ପାପ କରିନାହିଁ କେଉଁ ପୁରୁଷ ବା ନାରୀ ?
ଆମେବି ତ ଛାର, ପାପେ ପଙ୍କିଳ ପାପୀଙ୍କର କାଣ୍ଡାରି !
ତେତ୍ରିଶ କୋଟି ଦେବତା ପାପରେ ସ୍ୱର୍ଗ ଯେ ଟଳମଳ,
ଦେବତାର ପାପ-ପଥ ଦେଇ ପଶେ ସ୍ୱର୍ଗେ ଅସୁର ଦଳ ।
ଆଦମ୍ ଠାରୁ ସୁରୁକରି ଏଇ ନଜରୁଲ୍ ତକ ସର୍ବେ,
କମ୍ ବେଶୀ କରି ପାପର ଛୁରୀରେ ପୁଣ୍ୟ କଲେକ ଜବ୍‌ଭେ ।
ବିଶ୍ୱ ପାପର ସ୍ଥାନ
ଅର୍ଦ୍ଧେକ ତା'ର ଭଗବାନ, ଆର ଅର୍ଦ୍ଧେକ ସଇତାନ ।

ଧର୍ମାନ୍ଧଗଣ ଶୁଣ
ଅନ୍ୟର ପାପ ଗଣିବା ଆଗରୁ ନିଜ ପାପ ସବୁ ଗଣ !
ପାପର ପଙ୍କେ ପୁଣ୍ୟ ପଦ୍ମ, ଫୁଲେ ଫୁଲେ ଏଥି ପାପ !
ସୁନ୍ଦର ଏଇ ଧରା ଭରା ଖାଲି ବଞ୍ଚନା ଅଭିଶାପ !
ଏସବୁ ଏଡ଼ାଇ ନପାରି ଯେ କେତେ ଅବତାର ଆଦି, କହ !
ପୁଣ୍ୟରେ ଦେଲେ ଆତ୍ମା ଓ ପ୍ରାଣ, ପାପକୁ ଦେଲେ ଟି ଦେହ !
ବନ୍ଧୁ, କହୁନି ମିଛ
ବ୍ରହ୍ମା ବିଷ୍ଣୁ ଶିବ ଧରି କ୍ରମେ ଓହ୍ଲାଇ ଗଲେ ନୀଚ ।
ମଣିଷର କଥା ଛାଡ଼ିଦିଅ, ଯେତେ ଧ୍ୟାନୀ ମୁନି ଋଷି ଯୋଗୀ,
ଆତ୍ମା ତାଙ୍କ ତ୍ୟାଗୀ ତପସ୍ୱୀ, ଦେହ ତାଙ୍କର ଭୋଗୀ ।

ଏ ଦୁନିଆ ପାପ ଶାଳ,
ଧର୍ମ-ଗଧର ପୃଷ୍ଠେ ଏଠାରେ ଶୂନ୍ୟ ପୁଣ୍ୟ ଛାଲ !
ଏଥେ ସବୁ ସମ-ପାପୀ,
ଆପଣା ପାପର ବଟକରା ଧରି ଅନ୍ୟର ପାପ ମାପି !
ଜବାବଦିହିର କିଆଁ ଏତେ ଘଟା ଯଦିବା ଦେବତା ହୁଅ
ଟୋପି ତଳେ ଚୁଟି ରଖି, ସଦା ବୋଲ ତୁମେ କେବେ ପାପୀ ନୁହ !
ପାପୀ ନୁହ ଯଦି କିଆଁ ଏ ଭଂଡ ଟ୍ରେଡ୍‌ମାର୍କିର ଧୂମ,
ପୋଲିସ୍ ପୋଷାକ ପିନ୍ଧି ହୋଇଛ ପାପର ଆସାମୀ ଗୁଣ !

ବନ୍ଧୁ, ଶୁଣ ଏ ମଜାର ଗଳ୍ପ,
ଏକଦା ଅପାପ ଫରିସ୍ତା ଆସିଲେ ସ୍ୱର୍ଗ ସଭାରେ ଅଳ୍ପ,
ଏଇ ଆଲୋଚନା କରୁଥିଲା ଦେଇ ବିଧି ନିୟମରେ ଦୋଷ
ଦିନ ରାତି ଧରି ଏତେ ପୂଜାକରି ବାରେ
ପାରିନାହିଁ କରି ତୋଷ ।
ତଥାପି ଯେପରି ଖୁସି ନୁହନ୍ତି ତାଙ୍କରି ଯେତେ
ସ୍ନେହ ଦୟା ଝରି ପଡ଼େ,
ପାପ ଆସକ୍ତ କାଦୁଅ ମାଟିର ମଣିଷ ଜାତିର ପରେ ।
ଶୁଣିଲେ ସେ ସବୁ ଅନ୍ତର୍ଯାମୀ ହସି କହନ୍ତି ଶୁଣ,
ମଳିନ ଧୂଳିର ସନ୍ତାନ ପରା, ବଡ଼ ଦୁର୍ବଳ ମନ ।
ଫୁଲେ ଫୁଲେ ସଦା ଭୁଲର ବେଦନା-ନୟନେ ଅଧରେ ଶାପ,
ଚନ୍ଦନେ ସେଠି କାମନାର ଜ୍ୱାଳା, ଚାନ୍ଦ ଚୁମ୍ବନେ ତାପ !
ସେଠି କାମିନୀର ନୟନ କଜଳ, ଶ୍ରୋଣୀରେ ଚନ୍ଦ୍ରହାର,
ଚରଣେ ଲାକ୍ଷା ଓଠେ ତାମ୍ବୁଳ ଦେଖି ମରି ଅଛି ମାର !
ପ୍ରହରୀ ସେଠାରେ ଚୋଖା ଆଖି ନେଇ ସୁନ୍ଦର ସଇତାନ,
ବୁକେ ବୁକେ ତହିଁ ବଙ୍କା ଫୁଲଧନୁ ଆଖିରେ ଫୁଲର ବାଣ !
ଦେବଦୂତ ସବୁ କହନ୍ତି; ପ୍ରଭୁ, ଦେଖିବୁଁ କେସନ ଧରା,
କେସନ ସେଠାରେ ଫୁଲ ଫୁଟେ ଯାର ଶିରରେ ମୃତ୍ୟୁ ଜରା !
କହନ୍ତି ପ୍ରଭୁ, ତୁମରି ମଧ୍ୟେ ଶ୍ରେଷ୍ଠ ଯେ ଦୁଇ ଜଣ,
ଯାଅ ପୃଥିବୀରେ ଦେଖିଆସ ଘୋର ପୃଥିବୀର ପ୍ରଲୋଭନ !
'ହାରୁତ' ମାରୁତ ଫେରେଶ୍‌ତା ତାଙ୍କ ଗୌରବ ରବି-ଶଶୀ,
ଧରାର ଧୂଳିର ଅଂଶୀ ହୋଇଲେ ମାନବର ଗୃହେ ପଶି ।
କାୟାରେ କାୟାରେ ମାୟା ବୁଲେ ତହିଁ ଛାୟାରେ ଛାୟାରେ ଫାନ୍ଦ,
କମଳ ପୋଖରୀ ମଧ୍ୟେ ସାତଶହ ଏହି ଆକାଶର ଚାନ୍ଦ ।
ଶବ୍ଦ ବର୍ଣ୍ଣଗନ୍ଧ ଏଠାରେ ପାତିଛି ଅରୂପ-ଫାଶୀ,
ଘାଟେ ଘାଟେ ଏଥି ଘଟଭରାହସ, ପ୍ରାନ୍ତରେ କାନ୍ଦେ ବଂଶୀ ।
ଦୁଇଦିନେ ତେଜା ଫେରେଶ୍‌ତା-ପ୍ରାଣ ଭିଜିଲା ମାଟିର ରସେ
ଶଫରୀ-ଆଖିର ଚଟୁଳ ଚାତୁରୀ ବୁକେ ଦାଗ କାଟି ବସେ
ଘାଘରା ଝଲକି ଗଗରୀ ଛଳକି ନାଗରୀ 'ଜୋହ୍ଲରା' ଯାଏ,
ସ୍ୱର୍ଗର ଦୂତ ମଜିଲା ସେ ରୂପେ, ବିକାଇଲା ରଂଗ ପାୟେ ।
ଅଧର-ଅନାର-ରସେ ବୁଡ଼ିଗଲା, ନରକର ଭୟେ,
ମାଟିର ସୁରେଇ ମସ୍ତାନା ହେଲା ଆଙ୍ଗୁରୀ ଖୁନ୍ ନେଇ ସେ ସିକ୍ତ ହୁଏ
କାହିଁ ଗଲା ଭାସି ସଂଯମ-ବନ୍ଧ ଶରଣର ବେଡା ତୁଟେ,
ପ୍ରାଣ ଭରି ପିଏ ମାଟିର ମଦିରା ଓଷ୍ଠ-ପୁଷ୍ପ-ପୁଟେ !

ବେହୋସ୍ ସେସବୁ ଫରିସ୍ତାଙ୍କୁ
ବିଧାତା କହନ୍ତି ହସି,
ହାରୁରେ ମାରୁରେ କି କରିଛି ଦେଖ
ଧରଣୀ ସର୍ବନାଶୀ ।
ନୟନା ଏଠାରେ ଜାଦୁ ଜାଣେ ସଖା, ଏକ ଆଖି-ଇସାରାରେ,
ଲକ୍ଷ ଯୁଗର ମହା ତପସ୍ୟା ଚୋବେଇ ଚୋବେଇ ମାରେ !
ସୁନ୍ଦରୀ ବସୁମତୀ
ଚିର ଯୌବନା, ଦେବତା ତାହାର ଶିବ ନୁହେଁ କାମ ରତି ।

# ବାରାଙ୍ଗନା

କିଏ କହେ ତୁମେ ବାରାଙ୍ଗନା ମା ପକାଏ ଛେପ ସେ ଦିହେ
ହୁଏତ ତୁମକୁ ସ୍ତନ୍ୟ ଦେଇଛ- ସୀତା ସମ ସତୀ କିଏ ।
ନ ହେଲ ବା ସତୀ, ତଥାପି ତ ତୁମେ ମାତା ଭଗିନୀର ଜାତି,
ତୁମରି ପୁଅଟି ମୋହରି ସମାନ, ସେଇଟି ମୋହରି ଜ୍ଞାତି !
''ଆମରି ସେ କେଉଁ ବନ୍ଧୁ ସ୍ୱଜନ ଆତ୍ମୀୟ ବାପା କକା,
ତାଙ୍କରି ପିତା ତାଙ୍କରି ମୁଖେ ଆମରି ଚିହ୍ନ ଅଙ୍କା ।''
ଆମରି ସମାନ ଖ୍ୟାତି ଯଶମାନ ସିଏ ବି ତ ରଖିପାରେ,
ତାହାରି ସାଧନା ଚମକାଇପାରେ ସଦୟ ସ୍ୱର୍ଗ-ଦ୍ୱାରେ !
ସ୍ୱର୍ଗବେଶ୍ୟା ଘୃତାଚୀ ପୁତ୍ର ହେଲା ମହାବୀର ଦ୍ରୋଣ,
କୁମାରୀ ପୁତ୍ର ବିଶ୍ୱ ପୂଜ୍ୟ କୃଷ୍ଣ-ଦ୍ୱୈପାୟନ !
କାନୀନ ପୁତ୍ର କର୍ଣ୍ଣ ହୋଇଲେ ଦାନବୀର ମହାରଥୀ
ସ୍ୱର୍ଗୁଁ ପତିତା ଗଙ୍ଗା ଶିବଙ୍କ ଠାରୁ ପାଇଲେକ ଗତି ।
ଶାନ୍ତନୁ ରାଜା ନିବେଦିଲେ ପ୍ରେମ ପୁନ ସେଇ ଗଙ୍ଗାରେ,
ତାଙ୍କ ପୁତ୍ର ଅମର ଭୀଷ୍ମ, କୃଷ୍ଣ ନମିଲେ ଯାରେ !
ମୁନି ହେଲେ ଶୁଣେଁ ସତ୍ୟକାମ, ସେ ଜାରଜ ଜବାଲା ଶିଶୁ,
ବିସ୍ମୟକର ଜନ୍ମ ଯାହାର - ମହାପ୍ରେମିକ ସେ ଯିଶୁ !
କେହି ନୁହେଁ ଏଥେ ପାପ ପଙ୍କିଳ, କେହି ଯେ ଘୃଣ୍ୟ ନୁହେଁ,
ଫୁଟିଛି ଅୟୁତ ବିମଳ କମଳ କାମନା - କାଳୀୟ ଦହେ !
ଶୁଣ ମଣିଷର ବାଣୀ,
ଜନ୍ମର ପରେ ମାନବ ଜାତିର ନାହିଁ କୌଣସି ଗ୍ଲାନି !
ପାପ କରିଅଛି ବୋଲି ଅବା ନାହିଁ ପୁଣ୍ୟର ଅଧିକାର ?
ଶତ ପାପ କରି ହୋଇନି କ୍ଷୁଣ୍ଣ ଦେବତ୍ୱ ଦେବତାର !
ଅହଲ୍ୟା ଯଦି ମୁକ୍ତି ପାଇନି, ମେରୀ ତ ହୁଅନ୍ତି ଦେବୀ,
ତୁମେ ବି ତ କିଆଁ ପୂଜ୍ୟ ହେବନି ବିମଳ ସତ୍ୟ ସେବି ?
ତୁମ ସନ୍ତାନେ ଜାରଜ ବୋଲିଣ ଗୁଆଁର ଯେ ଦିଏ ଗାଳି,
ତାଙ୍କୁଇ ମୁହିଁ ଏଇ ଦୁଇ କଥା ଜିଜ୍ଞାସ କରେଁ ଖାଲି,
ଦେବତା ଗୋ ଜିଜ୍ଞାସି -
ଦେଢ଼ଶତ କୋଟି ସନ୍ତାନ ଏହି ବିଶ୍ୱର ଅଧିବାସୀ-
କେତେଜଣ ପିତା-ମାତା ଏହାଙ୍କ ହୋଇ ନିଷ୍କାମ ବ୍ରତୀ
ପୁତ୍ର କନ୍ୟା କାମନା କରିଲେ କେତେଜଣ ସତ୍-ସତୀ ?

କେତେଜଣ କଲେ ତପସ୍ୟା ଭାଇ ସନ୍ତାନ ଲାଭ ବରେ,
କାହାର ପାପରେ ଦୁଗ୍ଧପୋଷ୍ୟ ଅନ୍ତୁଡ଼ି ଘରେ ମରେ ।
ସେରଫ୍ ପଶୁର କ୍ଷୁଧା ନେଇ ଏଥେ ମିଳେ ନର-ନାରୀ ଯେତେ,
ସେଇ କାମନାର ସନ୍ତାନ ଆମେ, ତଥାପି ଗର୍ବ କେତେ !
ଶୁଣ ଧର୍ମର ଚାଇଁ-
ଜାରଜ କାମଜ ସନ୍ତାନେ ଦେଖ କୌଣସି ଭେଦ ନାଇଁ !
ଅସତୀ ମାତାର ପୁତ୍ର ସେ ଯଦି ଜାରଜ ପୁତ୍ର ହୁଏ,
ଅସତ୍ ପିତାର ସନ୍ତାନ ତେବେ ଜାରଜ ସୁନିଶ୍ଚୟେ !

# ନାରୀ

ଗାଏଁ ସାମ୍ୟର ଗାନ -
ମୋର ଚକ୍ଷୁରେ ପୁରୁଷ ରମଣୀ କେହି ନୁହେଁ ଆନ ଆନ !
ବିଶ୍ୱେ ଯା କିଛି ମହାନ ସୃଷ୍ଟି ଚିର-କଲ୍ୟାଣକର
ଅର୍ଦ୍ଧେକ ତା'ର କରିଅଛି ନାରୀ, ଅର୍ଦ୍ଧେକ ତା'ର ନର
ବିଶ୍ୱରେ ଯାହା କିଛି ପାପ ତାପ ବେଦନା ଅଶ୍ରୁବାରି,
ଅର୍ଦ୍ଧେକ ତା'ର ଆଣିଅଛି ନର, ଅର୍ଦ୍ଧେକ ତା'ର ନାରୀ ।
ନରକ କୁଣ୍ଡ ବୋଲି କିଏ ତୋତେ କରେ ନାରୀ ହେୟଜ୍ଞାନ ?
ତାକୁ ବୋଲ, ଆଦିପାପ ନାରୀ ନୁହେଁ, ସେ ଯେ ନର ସଏତାନ ।
ଅଥବା ପାପ ଯେ-ସଏତାନ ଯେ-ନର ନୁହେଁ ନାରୀ ନୁହେଁ
କ୍ଲୀବ ସେ ତେଣୁ ନର ଓ ନାରୀରେ ସମାନ ମିଶିଣ ରହେ ।
ଏ ବିଶ୍ୱେ ଯେତେ ଫୁଟିଅଛି ଫୁଲ, ଫଳିଅଛି ଯେତେ ଫଳ,
ନାରୀ ଦେଲା ତାରେ ରୂପ-ରସ-ମଧୁ-ଗନ୍ଧ ସୁନିର୍ମଳ !
ତାଜମହଲର ପଥର ଦେଖିଛ, ଦେଖିଛ ତାହାରି ପ୍ରାଣ
ଅନ୍ତର ତା'ର ମମତାଜ ନାରୀ ବାହାରରେ ଶା-ଜାହାନ ।
ଜ୍ଞାନର ଲକ୍ଷ୍ମୀ, ଗାନର ଲକ୍ଷ୍ମୀ, ଶସ୍ୟ-ଲକ୍ଷ୍ମୀ ନାରୀ,
ସୁଷମା ଲକ୍ଷ୍ମୀ ନାରୀ ହିଁ ଫେରଇ ରୂପେ ରୂପେ ସଂଚାରି ।
ପୁରୁଷ ଆଣିଛି ଦିବସର ଜ୍ୱାଳା ତପ୍ତ ରୌଦ୍ର ଦାହ,
କାମିନୀ ଆଣିଛି ଯାମିନୀ-ଶାନ୍ତି, ସମୀରଣ ବାରିବାହ !
ଦିବସେ ଦେଇଛି ଶକ୍ତି-ସାହସ, ନିଶିଥେ ହୋଇଛି ବଧୂ,
ପୁରୁଷ ଆସିଛି ମରୁତୃଷା ନେଇ-ନାରୀ ଯୋଗାଇଛି ମଧୁ ।
ଶସ୍ୟ କ୍ଷେତ୍ର ଉର୍ବର ହେଲା ପୁରୁଷ ଚଳାଏ ହଳ,
ନାରୀ ସେ କ୍ଷେତ୍ରେ ଶସ୍ୟ ରୋପିଣ କରଇ ସୁଶ୍ୟାମଳ ।
ନାରୀ ବାହେ ହଳ, ନାରୀ ବହେ ଜଳ, ସେ ଜଳ ମାଟିରେ ମିଶେ,
ଫସଲ ହୋଇଣ ଫଳି ଫଳି ଉଠେ, ସୁନେଲି ଧାନର ଶୀର୍ଷେ ।

ସ୍ୱର୍ଣ୍ଣ ରୌପ୍ୟ ଭାର
ନାରୀର ଅଙ୍ଗ ପରଶ ପାଇଣ ହୋଇଛି ଅଳଙ୍କାର ।
ନାରୀର ବିରହେ, ନାରୀର ମିଳନେ ନର ପାଏ କବି ପ୍ରାଣ,
ଯେତେ କଥା ତା'ର ପାଲଟେ କବିତା, ଶବ୍ଦ ହୁଅଇ ଗାନ ।
ନର ଦିଏ କ୍ଷୁଧା, ନାରୀ ଦିଏ ସୁଧା, ସୁଧା ଓ କ୍ଷୁଧାର ମେଳେ,
ଜନ୍ମ ଲଭିଛି ମହାମାନବର ମହାଶିଶୁ ତିଳେ ତିଳେ ।

ଜଗତର ଯେତେ ବଡ଼ ବଡ଼ ଜୟ, ବଡ଼ ବଡ଼ ଅଭିଯାନ,
ମାତା ଭଗ୍ନୀ ଓ ବଧୂର ତ୍ୟାଗ ପାଇଁ ମହା ମହୀୟାନ ।
କେଉଁ ରଣେ କେତେ ଖୁନ୍ ଦେଲା ନର, ଲେଖା ଅଛି ଇତିହାସେ,
କେତେ ନାରୀ ଦେଲେ ସୁନ୍ଥା ସିନ୍ଦୂର ଲେଖା ନାହିଁ ତା'ର ପାଶେ ।
କେତେ ମାତା ଦେଲେ ହୃଦୟ ଉପାଡ଼ି ଭଉଣୀ ଦେଲେ ଯେ ସେବା,
ବୀରର ସ୍ମୃତି ସ୍ତମ୍ଭର ଦେହେ ଲେଖି ରଖେ କିଏ ଅବା ?
କୌଣସି କାଳେ ହୋଇନାହିଁ ଜୟୀ ପୁରୁଷର ତରବାରି,
ପ୍ରେରଣା ଦେଇଛି ଶକ୍ତି ଦେଇଛି ବିଜୟଲକ୍ଷ୍ମୀ ନାରୀ !
ରାଜା କରନ୍ତି ରାଜ୍ୟ ଶାସନ ରାଜାରେ ଶାସନ୍ତି ରାଣୀ,
ରାଣୀ ଦରଦରେ ଧୋଇ ଯାଇଅଛି ଯେତେ ରାଜ୍ୟର ଗ୍ଲାନି !

ପୁରୁଷ ହୃଦୟ ହୀନ
ମଣିଷ କରିବା ପାଇଁ ନାରୀ ଦେଲା ଅର୍ଦ୍ଧେକ ହୃଦ ରଣ ।
ଧରାରେ ଯାହାର ଧରେ ନାହିଁ ଯଶ ଅମର ମହାମାନବ,
ବରଷ ବରଷ ଯାହାର ସ୍ମରଣେ ଆମେ କରୁଁ ଉତ୍ସବ ।
ଖିଆଲ ବଶରେ ତାହାରି ଜନ୍ମ ଦେଇଛି ବିଳାସୀ ପିତା,
ବନେ ଲବ କୁଶ ତ୍ୟାଗ କଲେ ରାମ, ଲାଳନ କଲେକ ସୀତା ।
ନାରୀ ଶିଖାଇଲା ଶିଶୁ ପୁରୁଷରେ ସ୍ନେହ, ପ୍ରେମ, ଦୟା, ମାୟା,
ଦୀପ୍ତ ନୟନେ ମଖାଇ କଜଳ, ବେଦନାର ଘନଛାୟା !
ଅଦ୍ଭୂତ ରୂପେ ପରୁଷ ପୁରୁଷ କରିଛି ସେ ରଣ ଶୋଧ,
ବୁକେ ଥୋଇ ତାରେ ଚୁମାଦେଲା ଯିଏ ତାରେ କଲା ଅବରୋଧ !

ସିଏ ନର ଅବତାର-
ପିତା ଆଦେଶରେ ଜନନୀରେ ଯିଏ କାଟିଲେ ହାଣି କୁଠାର !
ପାର୍ଶ୍ୱ ଲେଉଟି ଶୋଇଛନ୍ତି ଆଜି ଅର୍ଦ୍ଧ ନାରୀଶ୍ୱର,
ନାରୀ ପଡିଥିଲା ଚାପି ଏତେଦିନ ଏବେ ପଡିଅଛି ନର ।
ସେ ଯୁଗ ହୋଇଛି ବାସି,
ଯେଉଁ ଯୁଗେ ଦାସ ପୁରୁଷ ନଥିଲା, ନାରୀ ହୋଇଥିଲେ ଦାସୀ
ବେଦନାର ଯୁଗ ମଣିଷର ଯୁଗ, ସାମ୍ୟର ଯୁଗ ଆଜି,
କେହି ନ କରିବେ ବନ୍ଦୀ କାହାକୁ, ଉଠୁଛି ଡଙ୍କା ବାଜି ।
ନର ଯଦି ରଖେ ନାରୀରେ ବନ୍ଦୀ, ତେବେ ଏହାପର ଯୁଗେ
ଆପଣାର ରଚା ଏଇ କାରାଗାରେ ପୁରୁଷ ମରିବ ଭୋଗେ ।
ଯୁଗର ଧର୍ମ ଏହି
ପୀଡ଼ନ କରିଲେ ସେ ପୀଡ଼ନ ଆସି ପୀଡ଼ା ଦେବ ତୁମକୁ ହିଁ । ୨

ଶୁଣ ମର୍ତ୍ତ୍ୟର ଜୀବ !
ଅନ୍ୟରେ ଯେତେ କରିବ ପୀଡ଼ନ, ନିଜେ ହେବ ସେତେ କ୍ଳୀବ ।
ସ୍ୱର୍ଣ୍ଣ-ରୌପ୍ୟ ଅଳଙ୍କାରର ଯକ୍ଷପୁରରେ ନାରୀ,
କରିଛି ତୁମରେ ବନ୍ଦିନୀ ବୋଲ କେଉଁ ସେ ଅତ୍ୟାଚାରୀ ?
ଆପଣାରେ ଆଜି ପ୍ରକାଶର ପାଇଁ ନାହିଁ ତବ ବ୍ୟାକୁଳତା,
ଆଜି ତୁମେ ଭୀରୁ ଆଢୁଆଳେ ଥାଇ ନେପଥ୍ୟେ କହ କଥା !
ଆଖିରେ ଆଖିରେ ଚାହିଁପାର ନାହିଁ ହାତେ ରୁଳି, ପାଦେ ମଲ,
ମଥାର ଓଢ଼ଣା ଛିଣ୍ଡାଅ ନାରୀ, ଭାଙ୍ଗ ଏହି ଶିକଳ !
ଯେଉଁ ଓଢ଼ଣାଟି କରିଅଛି ଭୀରୁ, ଉଡ଼ାଅ ସେ ଆବରଣ,
ଦୂର କରିଦିଅ ଦାସୀର ଚିହ୍ନ, ଅଛି ଯେତେ ଆଭରଣ ।

ଧରା ଅଲିଅଳି ଝିଅ
ବୁଲନା ଗୋ ଆଉ ଗିରିଦରୀବନେ ଶାଖୀ ପାଖେ ଗୀତ ଗାଅ
କେବେ ଆସିଲା ସେ 'ପ୍ଳୁଟୋ' ଯମରାଜା ନିଶୀଥ ଡେଣାରେ ଉଡ଼ି,
ଧରି ପୂରାଇଲା ତୁମକୁ ତାହାରି ଅନ୍ଧ ବିବର ପୁରୀ !
ସେହି ସେ ଆଦିମ ବନ୍ଧନ ତବ, ସେଇଠାରୁ ଅଛ ମରି,
ମରଣର ପୁରେ, ଆସିଲା ଧରାରେ ସେଇ ଦିନ ବିଭାବରୀ ।
ଭାଙ୍ଗି ଯମପୁରୀ ନାଗୁଣୀର ସମ ଆସ ନା ପାତାଳ ଫୋଡ଼ି,
ଅନ୍ଧାରେ ମାଆ ପଥ ଦେଖାଇବ, ତୁମରି ଭଗ୍ନ ଚୁଡ଼ି ।
ପୁରୁଷ ଯମର କ୍ଷୁଧାର କୁକୁର ମୁକ୍ତ ସେ ପଦାଘାତେ,
ଲୋଟି ପଡିବ ସେ ଚରଣ ତଳରେ ଦଳିତ ଯମର ସାଥେ !
ଏତେଦିନ ଖାଲି ବିତରିଲା ସୁଧା ପ୍ରୟୋଜନ ଯେବେ ହେବ
ଯେଉଁ ହାତେ ପିଆଇଲ ଅମୃତ ସେଇହାତେ ବିଷ ଦେବ ।
ସେଦିନ ସୁଦୂର ନୁହେଁ ନାହିଁ ନାହିଁ ଭୟ,
ସେଦିନ ଧରଣୀ ପୁରୁଷ ସାଥିରେ ଗାଇବ ନାରୀର ଜୟ !

# କୁଲି-ମଜୁର

ସେଦିନ ତାହାକୁ ଦେଖିଲି ମୁଁ ରେଳଗାଡ଼ିରେ
କୁଲି ବୋଲି ବାବୁ ସାହେବ ଜଣକ ଠେଲି ପେଲି ଦେଲେ ତଳେ !
ଆଖି ଭରି ବହେ ଜଳ,
ଏହିପରି ସାରା ଜଗତଯାକ କି ମାଡ଼ ନେବ ଦୁର୍ବଳ ?
ଯେଉଁ ଦଧୀଚିଙ୍କ ହାଡ଼ ଦେଇ ଏଇ ବାଷ୍ପଶକଟ ଚଳେ,
ବାବୁ ସାହେବଟି ଚଢ଼ି ବସିଗଲେ, କୁଲି ପଡ଼ିଗଲେ ତଳେ
ବେତନ ଦେଇଛି ? ଚୁପ୍ ରହ ସବୁ ମିଥ୍ୟାବାଦୀର ଦଳ !
କେତେ ପାହି ଦେଇ କୁଲିଙ୍କୁ ତୁହି କେତେ କୋଟି ପାଉ ବୋଲ ।
ରାଜପଥେ ତବ ଚାଲିଛ ମୋଟର, ସାଗରେ ଜାହାଜ ଚଳେ,
ରେଳ-ପଥେ ଚଳେ ବାଷ୍ପ-ଶକଟ, ସାରା ଦେଶ କଳ ପରେ ।
ବୋଲ ତ ଏସବୁ କା'ର ଦାନ ଅଟେ, ତୁମରି ଅଟ୍ଟାଳିକା
କାହାର ଖୁନ୍‌ରେ ତାଜା ?-ନାହି ଖୋଲି ଦେଖ
ପ୍ରତି ଇଟାରେ ରହିଛି ଲେଖା ।
ତୁମେ ଜାଣ ନାହିଁ କିନ୍ତୁ ପଥର ପ୍ରତି ଧୂଳି କଣା ଜାଣେ,
ଏଇ ପଥ ଏଇ ଜାହାଜ ଶକଟ ଅଟ୍ଟାଳିକାର ମାନେ ।

ଆସୁଅଛି ଶୁଭଦିନ
ଦିନ ଦିନ ଧରି ବଢୁଅଛି ଦେଣା, ଶୁଝିବାକୁ ହେବ ରଣ-
ହାତୁଡ଼ି ଶାବଳ ଗଇଁତି ଚଳାଇ ଯେ ଭାଙ୍ଗେ ସବୁ ପାହାଡ଼
ପାହାଡ଼-କଟା ସେ ପଥ ଦୁଇପାଶେ ପଡ଼ିଛି ତାଙ୍କ ହାଡ଼
ତୁମ ସେବା ଲାଗି ହେଲେ ଯେଉଁମାନେ
ମଜୁର, ମୋଟିଆ, କୁଲି,
ବୋହିନେବା ପାଇଁ ତୁମକୁ ଯାହାର ଅଙ୍ଗେ ଲାଗିଲା ଧୂଳି,
ସେମାନେ ମଣିଷ, ସେମାନେ ଦେବତା, ଗାଏଁ ତାଙ୍କର ଗାନ-
ବ୍ୟଥିତ ତାଙ୍କ ବକ୍ଷରେ ପାଦ ରଖେ ନବ ଉତ୍ଥାନ !
ତୁମେ ଶୋଇଥିବ ତିନିତାଲାପରେ ଆମେ ରହିଥିବୁ ନୀଚ
ଅଥଚ ତୁମକୁ ଦେବତା ବୋଲିବୁଁ -ସେ ଭରସା ଆଜି ମିଛ ।
ସିକ୍ତ ଯାହାର ସାରା ଦେହମନ ମାଟିର ମମତା-ରସେ,
ଏଇ ଧରଣୀର ତରଣୀର ହାଲ ରହିବ ତାହାରି ବଶେ !
ତା'ରି ପଦରଜ ଅଞ୍ଜଳି କରି ମଥାପରେ ନେବୁଁ ତୋଳି,
ସକଳ ସାଥିରେ ପଥେ ଚାଲିଯାର ପାଦରେ ଲାଗିଛି ଧୂଳି ।

ଆଜି ନିଖିଳର ବେଦନା-ଆର୍ତ୍ତ ପୀଡ଼ିତର ମୁହିଁ ଖୁନ,
ଲାଲେ ଲାଲ ହୋଇ ଉଦୟ ହେଉଛି ପ୍ରଭାତର ନବାରୁଣ !
ଆଜି ହୃଦୟର ଜଙ୍କ୍‌ଲଗା ଯେତେ କବାଟ ଭାଙ୍ଗିଦିଅ,
ରଙ୍ଗକରା ଏ ଚମଡ଼ାର ଯେତେ ଆବରଣ ଖୋଲି ନିଅ !
ଆକାଶରେ ଆଜି ଯେତେ ବାୟୁ ଅଛି ହୋଇଛି ଜମାଟ ନୀଳ,
ଏକ ଉଚ୍ଛ୍ୱାସେ ଆସୁ ଏଇ ବୁକେ ଖୋଲି ଦିଅ ସବୁ ଖିଲ !
ସକଳ ଆକାଶ ଭାଙ୍ଗି ପଡୁ ଆମ୍ଭରି ଏଇ ଘରେ,
ଆମରି ମଥାରେ ଚନ୍ଦ୍ର ସୂର୍ଯ୍ୟ ତାରା ଯେଉଁପରି ଝରେ !
ସକଳ କାଳର, ସକଳ ଦେଶର ସକଳ ମଣିଷ ଆସି,
ଏକ ମୁହାଣରେ ଛିଡ଼ାହୋଇ ଶୁଣ ଏକ ମିଳନର ବଂଶୀ !
ଜଣକରେ ବ୍ୟଥା ଦେଲେ
ସମାନ ହୋଇଣ ବାଜେ ସେ ବେଦନା ସମସ୍ତ ବୁକୁ ତଳେ ।
ଏକର ଅସମ୍ମାନ
ନିଖିଳ ମଣିଷ ଜାତିର ଲଜ୍ଜା- ସକଳର ଅପମାନ ।
ମହା-ମାନବର ମହାବେଦନାର ଆଜି ମହାଉତ୍‌ଥାନ
ଊର୍ଦ୍ଧ୍ୱେ ହସନ୍ତି ଭଗବାନ, ନିମ୍ନେ କମ୍ପଇ ସଇତାନ !

# କୃଷାଣର ଗାନ

ଉଠରେ ଚାଷୀ ଜଗତ୍‌ବାସୀ ଧର କଷି ଲଙ୍ଗଳ !
ଆମେ ମରିହିଁ ଅଛୁଁ - ଭଲ କରି ହିଁ ମରିବୁଁ ଏଥର ଚାଲ !!
ଆମ ଅଗଣା-ଭରା ଶସ୍ୟ ଥିଲା ହାସ୍ୟ-ଭରା ଦେଶ
ଏଇ ବୈଶ୍ୟ ଦେଶର ଦସ୍ୟୁ ଆସିଛି ଲାଂଛନା ନାହିଁ ଶେଷ,
ହୋ ଭାଇ ଲକ୍ଷ ହାତରେ ଟାଣନ୍ତି ସେଇ ଲକ୍ଷ୍ମୀ ମାଆର କେଶ,
ଆଜି ମାଆ କ୍ରନ୍ଦନେ ଲୁଣିହେଲା ସାତ ସାଗରର ଜଳ !!
ଉଠରେ ଚାଷୀ ............. ଧର କଷି ଲଙ୍ଗଳ ।
ହୋ ଭାଇ ଆମେ ତ ଥିଲୁଁ ପରମ ସୁଖୀ ଥିଲୁଁ ଦେଶର ପ୍ରାଣ,
ଆଜି ଗଲା କୁଆଡ଼େ ଥିଲା ଗାନ ଭାଇ ଖଳାରେ ଖଳାରେ ଧାନ ?
ଆଜି କୁଆଡ଼େ ବା ସେଇ ଗାନ ଗଲା କୁଆଡ଼େ ସେ କୃଷାଣ ?
ହୋ ଭାଇ ଆମରି ରକ୍ତ ଜଳ ହୋଇ ହାୟ ଭରୁଅଛି ତା ବୋତଲ ।
ଉଠରେ ଚାଷୀ .....
ଆଜି ଚାରିଦିଗ ଆଡୁ ଧନିକ ବଣିକ ଶୋଷଣକାରୀର ହାତ
ହୋ ଭାଇ ଜୋକ ପରି ସେହୁ ଶୋଷୁଛି ରକ୍ତ ଛଡାଏ ଥାଳିର ଭାତ,
ମୋର ବୁକୁର ଉପରେ ମରୁଅଛି ପୁଅ, ନାହିଁ ଯେ ମୋହରି ହାତ,
ଆଜି ସତୀ ଝିଅର ମୋ ବସନ କାଢ଼ି ଖୋଜୁଛି ଖେଳା ବଲ୍ !!
ହୋ ଭାଇ ଆମେ ଏ ମାଟିର ଖାଣ୍ଟିପୁଅ ଦୂର୍ବାଦଳ ଶ୍ୟାମ,
ଆଉ ମୋହରି ରୂପରେ ବିଂଛି ପଡ଼ନ୍ତି ରାବଣର ଅରି ରାମ
ଏଇ ହଳଫଳାର ଯେ ଶସ୍ୟ ଉଠେ, ସମତା ତାହାରି ନାମ,
ଆଜି ହରିଛି ରାବଣ ସେଇ ସୀତାରେ - ସେଇ କ୍ଷେତର ଫସଲ ।
ହୋ ଭାଇ ଆମେରେ ସହିଦ, କ୍ଷେତ ମକ୍କାରେ
କୋର୍‌ବାନି ଦେଉଁ ଜାନ୍ !
ଆଉ ସେଇ ଖୁନ୍‌ରେ ଫଳିଛି ଫସଲ,
ହରୁଛି ତା ସଇତାନ୍ !
ଆମେ ଯାଉଁ କାହିଁ ଭାଇ, ଘରରେ ଅଗ୍ନି, ବାହାର ରେ ତୋଫାନ,
ଆଉ ଚାରିଦିଗୁ ଘେରି ଘେରି ମାରେ 'ଏଜିଦ୍' ରାଜାର ଦଳ !!
ଆଜି ଜାଗରେ କୃଷାଣ, ସବୁତ ଯାଇଛି,
କେଉଁ ପାଇଁ ଆଉ ଭୟ,
ଏଇ କ୍ଷୁଧାର ଜୋରରେ କରିବୁଁ ଏଥର
ସୁଧାର ଜଗତ ଜୟ !
ଏଇ ବିଶ୍ୱଜୟୀ ଦସ୍ୟୁ ରାଜାର କିଏ ଅବା ନୁହେ କହ,
ଆରେ ଦେଖିବୁ ଏଥର ସଭ୍ୟ ଜଗତ, ଚଷାର କେତେ ବଳ !!

# କାଣ୍ଡାରି ହୁସିଆର୍

କୋରାସ:

ଦୁର୍ଗମ ଗିରି କାନ୍ତାର ମରୁ ଦୁସ୍ତର, ପାରାବାର,
ଲଙ୍ଘିତ ହେବ ରାତ୍ରି ନିଶୀଥେ, ଯାତ୍ରୀ ହେ ହୁସିଆର ।

ଦୋଳୁଅଛି ତରୀ, ଫୁଲୁଅଛି ଜଳ, ଭୁଲନ୍ତି ମାଝି ପଥ,
ଛିଣ୍ଡିଛି ପାଲ, ଧର କିଏ ହାଲ, ଅଛି କାର ହିମ୍ମତ ?
କିଏ ହେ ଯୁଆନ, ହୁଅ ଆଗୁଆନ, ହାଙ୍କେ ଭବିଷ୍ୟତ,
ଏ ତୋଫାନ ଭାରୀ ହୋଇବାକୁ ପାରି କରିବାକୁ ତରୀ ପାର ।

ତିମିର ରାତ୍ରି, ମାତୃ ମନ୍ତ୍ରୀ, ସନ୍ତ୍ରୀ ହେ ସାବଧାନ,
ଯୁଗ ଯୁଗାନ୍ତ ସଞ୍ଚିତ ବ୍ୟଥା ଘୋଷୁଅଛି ଅଭିଯାନ !
ଫେଣାଇ ଉଠଇ ବଞ୍ଚିତ ବୁକେ ପୁଞ୍ଜିତ ଅଭିମାନ,
ଇଏ ସବୁ ପାପ ନେଇ ସାଥେ ଦେବା ପାଇଁ ହେବ ଅଧିକାର !!

ଅସହାୟ ଜାତି ମରୁଅଛି ଡୁବି ଜାଣେ ନା ସନ୍ତରଣ,
କାଣ୍ଡାରି ! ଆଜ ଦେଖିବି ତୁମରି ମାତୃ ମୁକ୍ତି ପଣ ।
'ହିନ୍ଦୁ କି ମୁସଲିମ୍ ସେଇମାନେ ?' ଜିଜ୍ଞାସେ କେଉଁ ଜନ ?
କାଣ୍ଡାରି ବୋଲ, ଡୁବୁଛି ମଣିଷ, ସନ୍ତାନ ମୋ ମାଆର !

ଗିରି ସଂକଟ, ଭୀରୁଯାତ୍ରୀ ହେ, ଗୁରୁ ଗରଜଇ ବାଜ,
ପଶ୍ଚାତ୍ ପଥ ଯାତ୍ରୀର ମନେ ସନ୍ଦେହ ଜାଗେ ଆଜ ।
କାଣ୍ଡାରି ! ତୁମେ ଭୁଲିବ କି ପଥ ? ତେଜିବ କି ପଥେ ଆଜ,
କରେ ହଣାହଣି ତଥାପି ତ ଟାଣି ନେଇଅଛ ମହାଭାର !

କାଣ୍ଡାରି ! ତବ ସମ୍ମୁଖେ ଏହି ପଲାଶିର ପ୍ରାନ୍ତର,
ବଙ୍ଗାଳୀ ଖୁନ୍‌ରେ ଲାଲ ହେଲା ଯହିଁ କ୍ଲାଇଭ୍‌ର ଖଞ୍ଜର !
ଏଇ ଗଙ୍ଗାରେ ଡୁବିଗଲା ହାୟ ଭାରତର ଦିବାକର !
ଉଇଁବ ସେ ରବି ଆମରି ଖୁନ୍‌ରେ ରଂଜିତ ପୁନର୍ବାର !

ଫାଶୀ ମଞ୍ଚରେ କଲେ ଯେଉଁମାନେ ଜୀବନର ଜୟଗାନ,
ଆସି ଅଲକ୍ଷ୍ୟେ ଠିଆ ସେଇମାନେ, ଦେବେ କେଉଁ ବଳିଦାନ ?
ଆଜି ପରୀକ୍ଷା ଜାତିର ଅଥବା ଜାତିରେ କରିବେ ତ୍ରାଣ ?
ଦୋଳୁଅଛି ତରୀ, ଫୁଲୁଅଛି ଜଳ, କାଣ୍ଡାରି ହୁସିଆର !!

[ *ସର୍ବହରା* ]

# ଛାତ୍ରଦଳର ଗାନ

ଆମେ ହିଁ ଶକ୍ତି, ଆମେ ହିଁ ବଳ
ଆମେ ରେ ଛାତ୍ରଦଳ !
ଆମ ପାଦ ତଳେ ମୂର୍ଛେ ତୋଫାନ,
ଊର୍ଦ୍ଧ୍ୱେ ବିମାନ ଝଡ଼-ବାଦଲ,
ଆମେ ରେ ଛାତ୍ର ଦଳ !
ଆମରି ଅନ୍ଧାର ରାତେ ବାଧାର ପଥେ
ଯାତ୍ରା ନଗ୍ନ ପାଦେ
ଆମେ ଶକ୍ତ ମାଟି ରକ୍ତେ ରଞ୍ଜି
ବିଷମ ଚଳିବା ହାଦେ ।
ଯୁଗେ ଯୁଗେ ରକ୍ତେ ଆମରି
ସିକ୍ତ ଏ ପୃଥିବୀ ତଳ,
ଆମେ ରେ ଛାତ୍ରଦଳ !
ଆମେ ରେ କକ୍ଷଚ୍ୟୁତ ଧୂମକେତୁ ପ୍ରାୟ
ଲକ୍ଷ୍ୟହରା ପ୍ରାଣ,
ଆମେ ରେ ଭାଗ୍ୟଦେବୀର ଯଜ୍ଞବେଦୀର
ନିତ୍ୟ ବଳିଦାନ ।
ଯେବେ କରନ୍ତି ଲକ୍ଷ୍ମୀ ସ୍ୱର୍ଗେ ଗମନ,
ଆମେ ପଶୁଁ ନୀଳ ଅତଳ
ଆମେ ରେ ଛାତ୍ରଦଳ !!
ଆମେ ରେ ଧରୁଁ ମୃତ୍ୟୁ ରାଜାର
ଯଜ୍ଞ ଘୋଡାର ରାଣ,
ଆମରି ମୃତ୍ୟୁ ଲେଖଇ ଆମରି
ଜୀବନ ଇତିହାସ !
ହସର ଦେଶେ ଆମେରେ ଆଣୁ
ସର୍ବନାଶା ଆଖିର ଜଳ
ଆମେ ରେ ଛାତ୍ରଦଳ !!
ସଭିଏଁ ଯେବେ ଦିଅନ୍ତି ବୁଦ୍ଧି,
ଆମେ ରେ କରୁଁ ଭୁଲ !
ସାବଧାନୀ ସବୁ ଟେକନ୍ତି ବନ୍ଧ
ଆମେ ରେ ଭାଙ୍ଗୁଁ କୂଳ

ଦାରୁଣ ରାତିରେ ଆମେ ରେ ତରୁଣ
ରକ୍ତରେ କରୁଁ ପଥ ପିଛଳ !
ଆମେ ରେ ଛାତ୍ରଦଳ !!
ଆମରି ଆଖିରେ ଜ୍ୱଳଇ ଜ୍ଞାନର ମଶାଲ,
ବକ୍ଷରେ ଭରା ବାକ୍,
କଣ୍ଠେ ଆମରି କୁଣ୍ଠାବିହୀନ
ନିତ୍ୟ କାଳର ଡାକ !
ଆମେ ତାଜା ଖୁନ୍ ରେ ଲାଲ କରିଦେଉଁ
ସରସ୍ୱତୀର ଶ୍ୱେତ କମଳ !
ଆମେ ରେ ଛାତ୍ରଦଳ !!
ଏଇ ଦାରୁଣ ଉପପ୍ଲବ ଦିନରେ
ଆମେ ଦାନ କରୁଁ ଶିର,
ଆମରି ମଧ୍ୟେ ମୁକ୍ତି କାନ୍ଦେ
ବିଂଶ ଶତାବ୍ଦୀର !
ଆମେ ଗୌରବର କ୍ରନ୍ଦନ ଦେଇ
ଭରିଛୁଁ ମାଆର ଶ୍ୟାମ ଅଞ୍ଚଳ ।
ଆମେ ରେ ଛାତ୍ରଦଳ !!
ଆମେରେ ରଚୁଁ ଭଲପାଇବାର
ଆଶାର ଭବିଷ୍ୟତ
ଆମ ସ୍ୱର୍ଗପଥର ଆଭାସ ଦେଖାଏ
ଆକାଶର ଛାୟା-ପଥ ।
ଆମରି ଆଖିରେ ବିଶ୍ୱବାସୀର
ସ୍ୱପ୍ନ ଦେଖା ହେଉ ସଫଳ
ଆମେ ରେ ଛାତ୍ରଦଳ !!

# ମୋର କୈଫିୟତ

ବର୍ତ୍ତମାନର କବି ମୁହିଁ ଭାଇ, ଭବିଷ୍ୟତର ନୁହେଁ 'ନବି'
ମୁହଁ ବୁଜି ସବୁ ସହିଯାଏଁ ତେଣୁ ଯାହା ବୋଲ କବି ଅକବି
କେହି କହେ, ତୁମେ ଭବିଷ୍ୟତେ ଯେ
ସ୍ଥାନ ନେବ କବି ଭବୀର ସାଥେ ହେ !
ଯେପରି ବାହାରେ ରବି ହାତରେ ସେ ଚିରକାଳ-ବାଣୀ କାହିଁ କବି ?
ଦୋଷୁଛ ସବୁରେ, ଗାଏଁ ମୁଁ କେବଳ-ପ୍ରଭାତ କାଳର ଭୈରବୀ !

କବି-ବନ୍ଧୁ ଯେ ହତାଶ ହୋଇ ମୋ ଲେଖା ପଢ଼େ ଦିଏ ଶ୍ୱାସ ମେଲି,
କହେ କାର୍ଯ୍ୟ ଯେ ହୁଏ ଅକାର୍ଯ୍ୟ କ୍ରମେ ପଲିଟିକ୍ସ ଫାଶ ଠେଲି,
ପଢ଼େ ନାହିଁ ବହି କହି ଯାଉ ସେଟା
କେହି କହେ, ବହୁ ଗିଳିଛି ସବୁଟା !
କେହି କହେ, ମାଟି ହେଲୁ ମୋଟାହୋଇ ଜେଲ୍‌ରେ ବସି ତାସ୍ ଖେଳୁ
କେହି କହେ, ତୁହି ଭଲ ଥିଲୁ ସେଠି ଫେରି ଯା ସେଠିକି ଏଇ ମେଳୁ ।

କହନ୍ତି ଗୁରୁ ସୁରୁ କଲୁ ତୁହି ତଲଓ୍ୱାର ନେଇ ଦାଢ଼ି ଚଞ୍ଚା
ପ୍ରତି ଶନିବାର ଚିଠିରେ ପ୍ରେୟସୀ ଶୋଧନ୍ତି ତୁମେ ''ହାଁଡ଼ିଗଁଚା''
ମୁଁ କହେ ଭାଙ୍ଗିଦେବି ହାଟେ ହାଣ୍ଡି
ତତ୍‌କ୍ଷଣି ବନ୍ଦ ହୁଏ ଠିଠି କଡ଼ା କଡ଼ି !
ସବୁ ଛାଡି ଆହା କରିଗଲି ବାହା ହିନ୍ଦୁ କହଇ ନୁହେଁ ଚାଚା,
ଯବନ ମୁହିଁ ନା କାଫେର୍ ଭାବିତ ଖୋଜେଁ ଚୁଟି ଦାଢ଼ି ମେଲା କଛା ।

ମହୁ ଲୋଭୀ ଯେତେ ମୌଲବି 'ମୋଲ୍ଲା' କହନ୍ତି ହାତ କାଢ଼ି
'ଦେବ-ଦେବୀ ନାମ ମୁଖେ ଆଣେ, ସଭିଏଁ ଦିଅ ତ ଏଇ ପାଜିଟାର ଜାତି ମାରି !
ଫତୋୟା ଦେଲି-କାଫେର କାଜି ଏ
ଯଦିଓ ସହିଦ ହେବାକୁ ରାଜି ଏ !
''ଆନ୍-ପାରା'' ପଢ଼ା ହାମ୍‌ବଡ଼ା ଆମେ
ଏବେ ବି ବୁଲୁଛୁଁ ଭୋଜି ମାରି !'
ହିନ୍ଦୁ ଭାବଇ, ଫାରସୀ ଶବ୍ଦେ
କବିତା ଲେଖେ ଏ ପୃଷ୍ଠା ମାଡ଼ି !

କଞ୍ଚା ଯେତେ ନନ୍‌ଭାୟେଲଣ୍ଟ୍ ନନ୍‌କୋପରେଟିଭ୍ ନୁହେଁ ଖୁସି,
'ଭାୟୋଲେନ୍ସ'ର ଭାୟୋଲିନ୍ ପରା ମୁହିଁ ବିପ୍ଳବୀ ମନ ତୋଷି !

'ଏଇଟା ତ ଅହିଂସା' ବିପ୍ଳବୀ ଭାବେ -
ନହେଲେ କାହିଁକି ଚର୍‌ଖାରଗାନ ଗାଏ ଏବେ ?
ବୋକାରାମ ଭାବେ ନାସ୍ତିକ ମୁହିଁ, ପାତି-ରାମ ଭାବେ କନ୍‌ଫୁସି,
ସ୍ୱରାଜୀ ଭାବଇ ନାରାଜୀ, ନାରାଜୀ ଭାବଇ ତାହାର ମୁଁ ଆଙ୍କୁଶୀ ।

ନର ଭାବେ ମୁହିଁ ବଡ଼ ନାରୀ ଘୋଷା, ନାରୀଭାବେ, ନାରୀ ବିଦ୍ୱେଷୀ,
'ବିଲାତୁ ଫେରିନ ?' 'ପ୍ରବାସୀ-ବନ୍ଧୁ' କହେ-
ଏଇ ତ ତୁମରି ବିଦ୍ୟା-ଛି !
ଭକ୍ତ କହଇ, ନବ ଯୁଗ ରବି !
ଯୁଗର ନ ହୁଏଁ ହୁକୁମର କବି ।
ସତତ ରେ ଦାଦା, ମନେ ଭାବେଁ କସି ବାନ୍ଧେଁ ହୃଦ-ପେଶୀ
ଦି କାନେ ଚଷମା ଲଗାଇ ଶୋଇଲି, ଦିବ୍ୟ ହୋଇଛି ନିଦ ବେଶି ।

କ'ଣ ଲେଖେଁ ଛାଡ଼ ମଥା ନା ମୁଣ୍ଡ, ମୁଁ ବି କି ବୁଝଇଁ କିଛି ତା'ର,
ହାତ ଉଚ୍ଚ ତ ହେଲାନାହିଁ ଭାଇ, ଲେଖେଁ ତଳ କରି ଦେହଭାର ।
ବନ୍ଧୁ, ତୁମେ ତ ଦେଇନାହଁ ଦାନ
ରାଜ ସରକାର ରଖେ ସମ୍ମାନ
ଯାହା କିଛି ଲେଖେଁ ଅମୂଲ୍ୟ କହି-ଅମୂଲ୍ୟେ ନିଏ କିଛି ତା'ର
ଶୁଣିଛ କି, ହୁଁ ହୁଁ, ଫେରେ କା'ର ପଛେ ରାଜାର ପ୍ରହରୀ
ସଦା ସର୍ବଦା ବାର ବାର !

ବନ୍ଧୁ ତୁମେ ତ ଦେଖିଅଛ ମୋତେ ମୋର ଏ ମନର ମନ୍ଦିରେ
ହାଡ଼ କଳା ହେଲା, ଶାସି ପାରିନାହିଁ ଏଇ ପୋଡା ମନ-ବନ୍ଦୀରେ ।
ଯେତେ ଥର ବାନ୍ଧେ ଛିଣ୍ଡାଏ ଶିକଳ,
ମାରି ମାରି ତାକୁ କରିଛି ବିକଳ !
ତଥାପି ତ କାହିଁ ଶୁଣେ ସେ ପାଗଳ , ମାନିଲା ନି ରବି-ଗାନ୍ଧୀରେ
ହଠାତ୍ ଜାଗି ସେ ବାଘ ଖୋଜିବୁଲେ ନିଶା ଅନ୍ଧାର ବନ-ତୀରେ !

କହେଁ ମୁହିଁ ଆରେ ଶୁଣ ରେ ପାଗଳ ଦିବ୍ୟ ଅଛୁ ଏ
ଖୁସ୍-ହାଲେ,
ପ୍ରାୟ 'ହାପ୍' ନେତା ହୋଇ ଉଠିଲୁଣି
ଏଥର ଏ ଦାବୀ ଫସ୍‌କିଲେ
'ଫୁଲ' ନେତା ଆଉ
ହେବୁନି ହାୟରେ,
ବକ୍ତୃତା ଦେଇ କାନ୍ଦି ସଭାରେ ।

ଗୁଣ୍ଡଲଙ୍କା ପକେଟ୍‌ରେ ପକା ଏଇ ବେଳ ବୋକା ।
ସେଇ ତାଳେ
ନେଏ ତୋର ଫଟା ଘର ଟାକୁ ଛାଇ ପସ୍ତାଇବୁ ନା'ତ ଶେଷ କାଳେ !

ବୁଝେ ନାଇଁ ଯେ ସେ, ଚାରଣର ବେଶେ ଘୂରେ ଦେଶେ ଦେଶେ
ଗାନ ଗାଇ,
ଶୁଣି ସବୁ ଭାବେ, ଭାବନା କି ତେବେ
ଦିନ ଯିବ ଏବେ ପାନ ଖାଇ,
ରହିବ ନି ମାଲେରିଆ ମହାମାରୀ
ସ୍ୱରାଜ ଆସିଛି ଚଢ଼ି ଯୋଡ଼ା ଗାଡ଼ି
ଚାନ୍ଦା ଚାହି, ସେ କ୍ଷୁଧାର ଅନ୍ନ ଆଣି ଆସେ
କାନ୍ଦେ ଝିଅ-ଭାଇ !
ମାତା କହେ, ଆରେ ଚୁପ୍, ହତଭାଗା, ସ୍ୱରାଜ ଆସେ ଯେ
ଦେଖ ଚାହିଁ !

କ୍ଷୁଧାତୁର ଶିଶୁ ଚାହେଁ ନା ସ୍ୱରାଜ,
ଚାହେଁ ମୁଠେ ଭାତ ଟିକେ ଲୁଣ
ବେଳ ଗଡ଼ିଯାଏ ଛୁଆଟା ଖାଇନି, ଛୋଟ ପେଟଟିରେ
ଅଗ୍ନି ଜଳଇ ଦୁଇ ଗୁଣ ।
କାନ୍ଦି ଛୁଟଇ ପାଗଳ ପରାଏ
ସ୍ୱରାଜର ନିଶା କାହିଁ ହଟିଯାଏ ।
କାନ୍ଦି କହେଁ, ଆଗୋ ଭଗବାନ ଆଜି ବି ଅଛ କି ?
କାଳି ଓ ଚୂନ
କାହିଁକି ଲାଗେ ନା ତାଙ୍କରି ଗାଲେ
ଯେ ଖାଏ ଶିଶୁର ଏଇ ଖୁନ୍ !

ଆମେ ହିଁ ତ ଜାଣୁ ସ୍ୱରାଜ ନ ଆଣି ଲୋଡ଼ି ଆଣିଅଛୁଁ,
ପୋଡ଼ା ବାଇଗଣ ଖାସ୍,
କେତେ ଶତ କୋଟି କ୍ଷୁଧିତ ଶିଶୁର କ୍ଷୁଧାରେ ଏଡ଼ାଇ
ବଢ଼ାଇ ତ୍ରାସ
କୋଟିଏ ଟଙ୍କା ଆସିଲା ଆସିଲା ନାହିଁ ସ୍ୱରାଜ !
ଟଙ୍କା ଦେଇ ନ ପାରେ ଭୋକିଲା ସମାଜ !
ମାଆର ବୁକୁ କୁ ପିଲା କାଢ଼ିଖାଏ, ମୁହିଁ କହେ, ବାଘ, ଖାଅ
ହେ ଘାସ୍ !
ଦେଖିଲି ଜନନୀ ମାଗଇ ଭିକ୍ଷା ଡାକି ତା ଘରେ
ପୁଅର ଲାସ୍ ।

ବନ୍ଧୁ ଗୋ, ଆଉ ବୋଲିପାରୁ ନାହିଁ, ବଡ଼ ବିଷଜ୍ୱାଳା ଏଇ ବୁକେ,
ଦେଖ୍ ଶୁଣି ଖାଲି ପାଗଳ ହୋଇଛି, ତେଣୁ ଯାହା ଆସେ କହେଁ ମୁଖେ
ରକ୍ତ ଝରାଇ ପାରୁ ନାହିଁ ଏକା
ତେଣୁ ଯାଏଁ ଲେଖ୍ ଏହି ରକ୍ତଲେଖା,
ବଡ଼ କଥା ବଡ଼ ଭାବ ଆସେ ନାହିଁ ମଥାରେ ବନ୍ଧୁ, ବଡ଼ ଦୁଃଖେ,
ଅମର କାବ୍ୟ ତୁମେ ଲେଖ ବନ୍ଧୁ, ଯେଉଁମାନେ ଅଛ ସୁଖେ !

ପରୁଆ କରେଁନା ଜିଏଁ ମୁଁ ନ ଜିଏଁ
କଟିଲେ ହୁଜୁଗ୍ ଏ ଯୁଗର-କହେଁ ସତ,
ମଥାର ଉପରେ ଜ୍ୱଳନ୍ତି ରବି ଅଛନ୍ତି ସୁନାର ପୁଅ ଶତ !
ପ୍ରାର୍ଥନା କର-ଯେ କାଢ଼ି ଖାଆନ୍ତି ତେତ୍ରିଶ କୋଟି ମୁଖ-ଗ୍ରାସ
ଯେସନ ହୁଏ ମୋ
ରକ୍ତଲେଖାରେ ତାହାଙ୍କର ସର୍ବନାଶ !

[ *ସର୍ବହରା* ]

# ସବ୍ୟସାଚୀ

ଆରେ, ଭୟ ନାହିଁ ଆଉ ଦୋଳି ଉଠୁଅଛି ହିମାଳୟ-ଚପା ପ୍ରାଚୀ !
ଗୌରୀ ଶିଖର ତୁହିନ ରେ ଭେଦି ଜାଗିଛି ସବ୍ୟସାଚୀ !
ଦ୍ୱାପର ଯୁଗର ମୃତ୍ୟୁରେ ଠେଲି
ଜାଗେ ମହାଯୋଗୀ ନୟନରେ ମେଲି,
ମହାଭାରତର ମହାବୀର ଜାଗେ, ବୋଲେ, 'ମୁହିଁ ଜାଗିଅଛି ।'
ନବ-ଯୌବନ ଜଳ ତରଙ୍ଗେ ନାଚୁଛି ପ୍ରାଚୀନ ପ୍ରାଚୀ ।

ବିରାଟ କାଳର ଅଜ୍ଞାତ ବାସ ଭେଦିରେ ପାର୍ଥ ଜାଗେ
ଗାଣ୍ଡିବ ଧନୁ ରଞ୍ଜି ଉଠଇ ଲକ୍ଷ ଲାକ୍ଷା ରାଗେ ।
ବାଜୁଛି ବିଷାଣ ପାଞ୍ଚଜନ୍ୟ,
ସାଜେ ରଥାଶ୍ୱ ହାଙ୍କେ ସୈନ୍ୟ,
ଝଡ଼ ଫୁତ୍କାରେ ନାଚେ ଅରଣ୍ୟ, ରସାତଳେ ଦୋଳ ଲାଗେ,
ଦୋଳାରେ ବସିଣ ହସଇ ଜୀବନ ମୃତ୍ୟୁର ଅନୁରାଗେ ।

ଯୁଗେ ଯୁଗେ ମରେ ବଞ୍ଚଇ ପୁଣି ପାପ ଦୁର୍ମତି କୁରୁସେନା,
ଦୁର୍ଯ୍ୟୋଧନର ପଦଲେହୀ ସବୁ, ଦୁଃଶାସନର କିଣା !
ଲଂକା କାଣ୍ଡେ କୁରୁକ୍ଷେତ୍ରେ
ଲୋଭ ଦାନବର କ୍ଷୁଧିତ ନେତ୍ରେ
ଫାଶୀ ମଞ୍ଚରେ କାରା ବେତ୍ରରେ ଏମାନେ ଯେ ଚିର ଚିହ୍ନା,
ଭାବିଅଛ କେହି ଶୁଣିବେ ନାହିଁ ଏ
ଉତ୍ପୀଡ଼ନର ଦେଣା !

କାଳର ଚକ୍ର ବକ୍ର ଗତିରେ ଘୁରୁଅଛି ଅବିରତ,
ଆଜ ଦେଖେଁ ଯିଏ କାଳ ଶୀର୍ଷରେ, କାଲି ସିଏ ପଦାନତ !
ଆଜି ସମ୍ରାଟ କାଲି ସେ ବନ୍ଦୀ,
କୁଟୀର ରାଜାର ପ୍ରତିଦ୍ୱନ୍ଦ୍ୱୀ !
କଂସ-କାରାରେ କଂସ-ହନ୍ତା ଜନ୍ମିଛି ଅନାଗତ,
ତା ବୁକ ଫଟାଇ ଆସେ ନୃସିଂହ ଯିଏ କରେ ପଦାଘାତ ।

ଆଜି ଯା ଶିରରେ ହାଣଇ ପାଦୁକା କାଲି ତାକୁ ଡାକେ ପିତା,
ଚିର ବନ୍ଦିନୀ ହୁଅଇ ସହସା ଦେଶେ ଦେଶେ ନନ୍ଦିତା
ଦିଗେ ଦିଗେ ହେଇ ବାଜୁଛି ଡଙ୍କା,
ଜାଗେ ଶଙ୍କର ବିଗତ-ଶଙ୍କା !

ଲଙ୍କା କାରାରେ କାଁଦେ ବନ୍ଦିନୀ ଭାରତ-ଲକ୍ଷ୍ମୀ ସୀତା,
ଜଳିବ ତାହାରି ଆଖି ସମ୍ମୁଖେ କାଳ ରାବଣର ଚିତା ।

ଯୁଗେ ଯୁଗେ ସେ ଯେ ନବ ନବ ରୂପେ ଆସେ ମହା ସେନାପତି,
ଯୁଗେ ଯୁଗେ ଭଗବାନ ଯେ ହୁଅନ୍ତି ତାହାରି ରଥ-ସାରଥି ।
ଯୁଗେ ଯୁଗେ ଆସେ ଗୀତା-ଉଦ୍‌ଗାତା
ନ୍ୟାୟ-ପାଣ୍ଡବ ସୈନ୍ୟର ତ୍ରାତା !
ଅଶିବ-ଦକ୍ଷ ଯଜ୍ଞରେ ଯେବେ ମରେ ସ୍ୱାଧୀନତା ସତୀ,
ଶିବର ଖଡ୍‌ଗେ ତକ୍ଷଣେ ମଥା ହରାଏ ସେ ପ୍ରଜାପତି !

ନବୀନ ମନ୍ତ୍ରେ ଦେବାକୁ ଦୀକ୍ଷା ଆସୁଅଛି ଫାଲ୍‌ଗୁନୀ,
ଜାଗରେ ଯୁଆନ, ଶୁଅନା ଭକୁଆ ଶାନ୍ତିର ବାଣୀ ଶୁଣି-
ଅନେକ ଦଧୀଚି ହାଡ଼ ଦେଲେ ଭାଇ
ଦାନବ ଦୈତ୍ୟ ତେବେ ମରି ନାହିଁ
ସୂତା ଦେଇ ଆମେ ସ୍ୱାଧୀନତା ଚାହୁଁ, ବସି ବସି କାଳ ଗୁଣି,
ଜାଗରେ ଯୁଆନ ! ବାତ ଧରି ଗଲା ମିଥ୍ୟା ତନ୍ତ୍ର ବୁଣି ।

ଦକ୍ଷିଣ କରେ ଭାଙ୍ଗି ଶିକୁଳି, ବାମ କରେ ବାଣ ହାଣି,
ଏଇ ନିରସ୍ତ୍ର ବନ୍ଦୀ ଦେଶରେ ହେ ଯୁଗ ଶସ୍ତ୍ର-ପାଣି,
ପୂଜାକରି ଖାଲି ପାଇଛି କଦଳୀ,
ଏଇଥର ତୁମେ ଆସ ମହାବଳୀ !
ରଥ ସମ୍ମୁଖେ ବସାଇ ଚକ୍ରୀ ଚକ୍ରଧରରେ ଟାଣି,
ସତ୍ୟର ସେବାକର ତାର ଦେଖି ପାରୁନାହୁଁ ପ୍ରାଣହାନି !

ମଶା ମାରି ଏଇ ଗରଜେ କମାଣ- 'ବିପ୍ଳବ ମାରିଅଛି ।
ଆମରି ଡାହାଣ ହାତେ ହାତକଡ଼ା, ବାମ ହାତେ ମାରେଁ ମାଛି ।'
ମାନି ଶତବାଧା ଝିଟିପିଟି ଛିଙ୍କି,
ଚୁଟି ଦାଢ଼ି ନେଇ ଅଛି ମୁଁ ବଞ୍ଚି ।
ବଞ୍ଚି ବଞ୍ଚି ପ୍ରାୟ ମରିଅଛି ମୁହିଁ ଏଥର ସବ୍ୟସାଚୀ
ଯାହା ହେଉ କିଛି ହାତେ ଦିଅ ମୋର ମରେଁ ଥରେ ହେଲେ ବଞ୍ଚି !

[ *ଫଣି-ମନସା* ]

# ପଥର ଦିଗ

ଚାରି ଦିଗରେ ଏ ଗୁଣ୍ଡା ଏବଂ ବଦ୍‌ମାସ୍ ସବୁ ଆଖଡା ଦେଇ
ଅଗ୍ରଦୂତ ତୁ ଚଳିକି ପାରିବୁ ଆପଣାର ପ୍ରାଣ ବଞ୍ଚାଇ ।
ପାରିବୁ କି ଯାଇ ଭେଦକରି ଏଇ ଚକ୍ରପଥର ଚକ୍ରବ୍ୟୂହ ?
ଉଠିବୁ କି ତୁହି ପାଷାଣ ଫୁଟାଇ ବନସ୍ପତିର ମହୀରୁହ ?
ଆଜି ଏ ପ୍ରାଣର ଗୋରୁଗାଡ଼ ପରେ ଉଡୁଅଛି ଖାଲି ଚିଲ ଶକୁନି,
ଏହା ମଧ୍ୟରେ ଆଲୋକ ଶିଶୁ ତୁ ଅଭିଯାନେ ଯିବୁ ?
ଥାଏଁ ମୁଁ ଶୁଣି !
ଫିଙ୍ଗେ ପଥର ଉଠାଏ କାଦୁଅ କଦର୍ଯ୍ୟ ଏଇ
ହୋରି ଖେଳାରେ
ଶୁଭ୍ର ମୁଖରେ ମଖାଇ କାଳି ଭୋଜପୁରୀଙ୍କ ହଟ୍ଟମେଳାରେ ।
ବଙ୍ଗଳା ଦେଶ ବି ମାତିଲା କି ରେ ? ତପସ୍ୟା ତା'ର ଭୁଲିଲା ଅରୁଣ ?
ତାଡ଼ି ଖାନାର ଚିତ୍‌କାରରେ କି ଧୂଳିରେ ମାତିଲେ ଇନ୍ଦ୍ର ବରୁଣ ?
ବ୍ୟଗ୍ର-ପରାଣ ଅଗ୍ରପଥିକ, କେଉଁ ବାଣୀ ତୋର ଶୁଣିବା ସାଧ,
ମନ୍ତ୍ର କି ତୋର ଶୁଣିବାକୁ ଦେବ, ନିନ୍ଦାବାଦୀର ଢକ୍କାନାଦ ?

ନରନାରୀ ଆଜି କଣ୍ଠ ଫଟାଇ କୁତ୍ସାଗାନର କୋରାସ୍ ଧରେ
ଭାବନ୍ତି ସେ ଯେ ସୁନ୍ଦରର ଏ ଜୟଧ୍ୱନି କରନ୍ତି ଜୋରେ ?
ଇତିମଧ୍ୟେ କି ଖବର ପାଇଲୁ ନର-ବିପ୍ଳବ ଘୋଡା ସବାରୀ
ଆସୁଅଛି କେହି, ତୁଟିଲା ତିମିର, ଖୋଲିଲା ଦୁଆର ପୁର-ଦୁଆରୀ,
ଭଗବାନ ଆଜି ଭୂତ ହୋଇଗଲା ଦଶ ଚକ୍ରରେ ପଡ଼ି,
ଯବନ ଏବଂ କାଫେର ମିଶି ହାୟ ବିଚାରାକୁ ଦେଲେ ଯେ ତଡ଼ି !
ବଞ୍ଚାଇବାକୁ ଆସୁଛି କି ତେଣୁ ନୂତନ ଯୁଗର ମଣିଷ କେହି
ଧୂଳିରେ ମଳିନ, ରକ୍ତାଭରଣ, ସିକ୍ତଆଖି ରକ୍ତଦେହୀ ?
ମସ୍‌ଜିଦ ଆଉ ମନ୍ଦିର ଏହି ସଇତାନ ସବୁ ମନ୍ତ୍ରଣାଗାର,
ରେ ଅଗ୍ରଦୂତ, ଭାଙ୍ଗିବା ପାଇଁ ଆସୁଛିକି କାଠ କଳାପାହାଡ଼ ?
କାଣିଅଛୁ ଯଦି, ଶୁଣାଅ ଖବର-ବନ୍ଦ ଯନ୍ତା ବନ୍ଧବାଡ଼ !
ଉଡୁଅଛି ଆଜି ଧର୍ମ ଧ୍ୱଜା-ଚୁଟିର ଗଣ୍ଡି ଦାଢ଼ିର ଝାଡ଼ !

ନିନ୍ଦାବାଦର ବୃନ୍ଦାବନରେ ଭାବିଥିଲି ମୁହିଁ ଗାଇବି ନାହିଁ ମୋ ଗାନ,
ରହିପାରେ ନାହିଁ ଦେଖି ଶୁଣି ମୁହିଁ ସୁନ୍ଦରର ହୀନ ଅପମାନ !

କ୍ରୁଦ୍ଧ ରୋଷରେ ରୁଦ୍ଧବ୍ୟଥାରେ କମ୍ପେ ପରାଣେ କ୍ଷୁବ୍ଧବାଣୀ,
ମାତାଲ ସବୁର ମଦ୍ୟଶାଳାରେ ନଟିନୀ ଯେ ଆଜି ସେ ବୀଣାପାଣି !!
ଜାତିର ପରାଣ ସିନ୍ଧୁ ମନ୍ଥି ସ୍ୱାର୍ଥଲୋଭୀ ପିଶାଚ ସାରା
କ୍ଷୁଧାର ପାତ୍ର ଲକ୍ଷ୍ମୀ ଲାଭର କରନ୍ତି ଭାଗ ବଟୁଆରା,
ବିଷ ଯେତେବେଳେ ଶେଷରେ ଉଠିଲା କାହାରି ତ ଆଉ ମିଳୁନି ଦିଶା ,
'ବିଷର ଜ୍ୱାଳାରେ ବିଶ୍ୱ ଜଳୁଛି, ସ୍ୱର୍ଗକୁ ଗଲେ ତୁଟାଇ ତୃଷା ।
ଶ୍ମଶାନର ଶବ ଭସ୍ମ ଗଦାରେ
ଆଜି ସେଥିପାଇଁ ବୁଲଇଁ ଖୋଜି,
ଭଗ୍ନର ଦେବ ଆଜି ଭାଙ୍ଗର ନିଶାରେ ପଡ଼ିଛି,
କେଉଁଆଡ଼େ ତାର ଚକ୍ଷୁ ବୁଜି !
ରେ ଅଗ୍ରଦୂତ, ତରୁଣ ମନର ଗହନ ବନର ରେ ସନ୍ଧାନୀ,
ଜାଣୁ କି ଖବର, କେଉଁଠି ଆମର ଯୁଗାନ୍ତରର ଖଡ଼୍ଗ-ପାଣି !

[ *ଫଣି-ମନସା* ]

# ଦାରିଦ୍ର୍ୟ

ହେ ଦାରିଦ୍ର୍ୟ, ତୁମେ ମତେ କରିଛ ମହାନ ।
ତୁମେ ମତେ ଦେଇଅଛ ଖ୍ରୀଷ୍ଟଙ୍କ ସମ୍ମାନ
କଣ୍ଟକ ମୁକୁଟ ଶୋଭା ! ଦେଇଛ, ତାପସ,
ଅସଙ୍କୋଚେ ପ୍ରକାଶର ଦୁରନ୍ତ ସାହସ ।
ଉଦ୍ଧତ ଉଲଙ୍ଗ ଦୃଷ୍ଟି ବାଣୀ କ୍ଷୁର ଧାର
ବୀଣା ମୋର ଶାପେ ତବ ହେଲା ତଲବାର ।

ଦୁଃଖ ଦହନେ ତବ, ହେ ଦର୍ପୀ ତାପସ,
ଅମ୍ଳାନ ସ୍ୱର୍ଣ୍ଣରେ ମୋର କରିଛ ବିରସ,
ଅକାଳେ ଶୁଖାଇ ମୋର ରୂପ ରସ ପ୍ରାଣ ।
ମୁକ୍ତ କରପୁଟେ ଭରି ସୁନ୍ଦରର ଦାନ
ଯେବେ ନେବା ପାଇଁ ଯାଏଁ- ହେ ବୁଭୁକ୍ଷୁ ତୁମେ
ଅଗ୍ରେ ଆସି କର ପାନ ! ଶୂନ୍ୟ ମରୁଭୂମେ
ଦେଖେଁ ମୋର କଳ୍ପଲୋକ । ମୋହରି ନୟନ
ମୋହରି ସୁନ୍ଦରେ କରେ ଅଗ୍ନି ବରଷଣ ।

ବେଦନାରେ ପୀତବୃନ୍ତ କାମନା ମୋହରି
ଶେଫାଳିର ସମ ଶୁଭ୍ର ସୁରଭି ବିତରି
ବିକଶିବା ପାଇଁ ଚାହେଁ, ତୁମେ ହେ ନିର୍ମମ
ଦଳ ବୃନ୍ତ ଭାଙ୍ଗ ଶାଖା କାଠୁରିଆ ସମ ।
ଆଶ୍ୱିନର ପ୍ରଭାତର ସମ ଛଳଛଳ
କରିଉଠେ ସାରା ହିୟା ଶିଶିର ସଜଳ ।

ଟଳ ଟଳ ଧରଣୀର ସମ କରୁଣାରେ !
ତୁମେ ରବି ତୁମ ତାପେ ଶୁଖିଯାଇ ମରେ
କରୁଣା ନିହାର ବିନ୍ଦୁ ! ମ୍ଳାନ ହୋଇଉଠେ
ଧରଣୀର ଛାୟାଞ୍ଚଳେ ! ସ୍ୱପ୍ନ ଧୀରେ ତୁଟେ

ସୁନ୍ଦରର କଲ୍ୟାଣର ! ତରଳ ଗରଳ
କଣ୍ଠେ ଢାଳି ତୁମେ ବୋଲ, ଅମୃତେ କି ଫଳ ?
ଜ୍ୱାଳା ନାହିଁ, ନିଶା ନାହିଁ, ନାହିଁ ଉନ୍ମାଦନା
ରେ ଦୁର୍ବଳ, ଅମରାର ଅମୃତ ସାଧନା

ଏ ଦୁଃଖର ପୃଥିବୀରେ ତୋର ବ୍ରତ ନୁହେ,
ତୁହି ନାଗ, ଜନ୍ମ ତୋର ବେଦନାର ଦହେ ।
କଣ୍ଟାକୁଞ୍ଜେ ବସି ତୁହି ଗୁନ୍ଥିବୁ ମାଳିକା,
ଦେଇଗଲି ଭାଲେ ତୋର ବେଦନାର ଟିକା ।

ଗାଏଁ ଗାନ, ଗୁନ୍ଥେ ମାଳା କଣ୍ଠେ ହୁଏ ଜ୍ୱାଳା
ଦଂଶିଲେ ସର୍ବାଙ୍ଗେ ମୋର ନାଗ ନାଗ-ବାଳା !
ଭିକ୍ଷା ଝୁଲି ନେଇ ବୁଲ ଦ୍ୱାରେ ଦ୍ୱାରେ ଋଷି
କ୍ଷମାହୀନ ହେ ଦୁର୍ବାସା ! ଯାପୁଥିଛ ନିଶି
ସୁଖେ ବର-ବଧୂ ଯଥା ସେ ସ୍ଥାନେ ସେ କ୍ଷଣ
ହେ କଠୋର କଣ୍ଠ, ଯାଇ ଡାକ 'ମୂଢ଼ ! ଶୁଣ'
ଧରଣୀ ବିଳାସ-କୁଞ୍ଜ ନୁହଇ କାହାର
ଅଭାବ ବିରହ ଅଛି ଅଛି ଦୁଃଖଭାର,
କଣ୍ଟା ଅଛି ଶଯ୍ୟାତଳେ ବାହୁରେ ପ୍ରିୟାର,
ତାହା ଏବେ କର, ଭୋଗ ! ପଡ଼େ ହାହାକାର
ନିମେଷେ ସେ ସୁଖ-ସ୍ୱର୍ଗେ ନିଭି ଯାଏ ବତି,
ବିତିବାକୁ ଚାହେଁ ନାହିଁ ଯେହ୍ନେ କାଳ ରାତି !

ଚଳପଥେ ଅନଶନ-କ୍ଳିଷ୍ଟ କ୍ଷୀଣ ତନୁ
କ'ଣ ଦେଖି ବାଙ୍କି ଉଠେ ସହସା ଭ୍ରୂ-ଧନୁ,

ଦି'ନୟନ ଭରି ରୁଦ୍ର ହାଣେ ଅଗ୍ନିବାଣ,
ଆସେ ରାଜ୍ୟେ ମହାମାରୀ ଦୁର୍ଭିକ୍ଷ ତୋଫାନ,
ପ୍ରମୋଦ କାନନ ପୋଡ଼େ, ଉଡ଼େ ଅଟ୍ଟାଳିକା
ତୁମରି ଆଇନ୍‌ରେ ଖାଲି ମୃତ୍ୟୁଦଣ୍ଡ ଲେଖା ।

ବିନୟର ବ୍ୟଭିଚାର ନାହିଁ ତବ ପାଶ,
ତୁମେ ଚାହଁ ନଗ୍ନତାର ଉଲଙ୍ଗ ପ୍ରକାଶ ।
ସଙ୍କୋଚ ଶରଣ ବୋଲି ଜାଣନାହିଁ କିଛି,
ଉନ୍ନତ କରିଛ ଶିର ମଥା ନୀଚ ଅଛି ।
ମୃତ୍ୟୁପଥ ଯାତ୍ରୀଦଳ ତୁମରି ଇଂଗିତେ
ଗଳାରେ ପିନ୍ଧଇ ଫାଶୀ ହସିଣ ଚକିତେ
ନିତ୍ୟ ଅଭାବର କୁଣ୍ଡ ଜଳାଇଣ ବୁକେ
ସାଧୁଅଛ ମୃତ୍ୟୁଯଜ୍ଞ ପୈଶାଚିକ ସୁଖେ ।

ଲକ୍ଷ୍ମୀର କିରୀଟି ଧରି ଆଣୁଅଛ ଟାଣି,
ଧୂଳିତଳେ । ବୀଣା ତାର କରାଘାତେ ହାଣି
ସାଧନାର, କେଉଁ ସୁର ବଜାଇବା ପାଇଁ ଚାହଁ ଗୁଣୀ ?
ସବୁ ସୁର ଆର୍ତ୍ତନାଦ ହୋଇ ଉଠେ ଶୁଣି ।

ପ୍ରଭାତେ ଶୁଣିଲି କାଲି ଉଠି, ସାହାନାଇ
ବାଜୁଛି କରୁଣ ସୁରେ । ଯେହ୍ନେ ଆସି ନାହିଁ
ଘରେ ଫେରି କେହି ଆଜି । କାନ୍ଦି କାନ୍ଦି ଆହା
ଘରକୁ ତାହାକୁ ଡାକେ ଯେହ୍ନେ 'ସାନାଇୟା' ।
ବଧୂଙ୍କର ପ୍ରାଣ ଆଜି ସାହନାଇ ସୁରେ
ଭାସିଯାଏ ଆଜି ଯଥା ପ୍ରିୟତମ ଦୂରେ
ଯିବି ଯିବି କହୁଅଛି ! ସଖୀ କହେ, 'ବୋଲ,
ପୋଛିଲୁ କିଆଁ ଲୋ ଆଖି, ପୋଛିଲୁ କଜଳ ?'

ଶୁଣିଅଛି ଆଜି ପ୍ରାତେ ଉଠି ପୁଣି ମୁହିଁ
'ଆସ, ଆସ' କାନ୍ଦୁଅଛି ସେଇ ସାହାନାଇ
ମ୍ଲାନମୁଖୀ ଶେଫାଳିକା ପଡୁଅଛି ଝରି,
ବିଧବାର ହସ ସମ ସ୍ନିଗ୍ଧଗନ୍ଧେ ଭରି ।
ନାଚିଯାଏ ପ୍ରଜାପତି ଚଞ୍ଚଳ ପକ୍ଷରେ
ଦୁରନ୍ତ ନିଶାରେ ଆଜି, ପୁଷ୍ପ ପ୍ରଗଲ୍‌ଭାରେ
ଚୁମ୍ବନେ ବିବଶ କରି, ଭ୍ରମରର ପକ୍ଷ
ପରାଗରେ ପୀତ ଆଜି, ଅଙ୍ଗେ ମଧୁଲେପ ।

ଉଚ୍ଛୁଳି ଉଠିଛି ଯେହ୍ନେ ଦିଗେ ଦିଗେ ପ୍ରାଣ ।
ଆପଣାର ଅଗୋଚରେ ଗାଇଉଠେ ଗାନ
ଆଗମନୀ ଆନନ୍ଦର ! ଅକାରଣେ ଆଖି
ପୂରି ଆସେ ଅଶ୍ରୁଜଳେ, ମିଳନର ରାଖୀ
କିଏ ଯେହ୍ନେ ବାନ୍ଧିଦିଏ ଧରଣୀର ସାଥେ ।
ପୁଷ୍ପାଞ୍ଜଳି ଭରିଦୁଇ ମାଟି-ମଖା ହାତେ
ଧରଣୀ ଆଗେଇ ଆସେ, ଦିଏ ଉପହାର
ସେ ଯେହ୍ନେ କନିଷ୍ଠା ଝିଅ ଅଲିଅଳି ମୋର
ସହସା ଚମକି ଉଠେଁ । ମୋର ଶିଶୁ ହୋଇ
ଜାଗି କାନ୍ଦୁଅଛି ଘରେ କିଛି ଖାଇ ନାହିଁ
କାଲିଠାରୁ ସାରାଦିନ ତାପସ ନିଷ୍ଠୁର
କାନ୍ଦେ ମୋର ଘରେ ନିତ୍ୟ ତୁମେ କ୍ଷୁଧାତୁର ।

ପାରିନାହିଁ ବସ୍ତ୍ର ମୋର ହେ ପ୍ରିୟ ମୋହର
ଦୁଇ ବିନ୍ଦୁ ଦୁଗ୍ଧ ଦେଇ ! ମୋର ଅଧିକାର
ଆନନ୍ଦର ନୁହେଁ ନୁହେଁ, ଦାରିଦ୍ର୍ୟ ଅସହ୍ୟ
ପୁତ୍ର ହୋଇ ଜାୟା ହୋଇ କାନ୍ଦେ ଅହରହ
ମୋ ଦୁଆର ଧରି । କେହୁ ବଂଶୀ ବଜାଇବ
ସୁନ୍ଦରର ହସ କାହିଁ କରିବି ମୁଁ ଠାବ ?
ମିଳେ କାହିଁ ପୁଷ୍ପାସବ ? ଧୁତୁରା ଗିଲାସ
ଭଲ କରିଅଛି ପାନ ନୟନ ନିର୍ଯାସ !

ଆଜି ଶୁଣେ ଆଗମନୀ ଗାଏ ସାହାନାଇ
ସେ ଯେହ୍ନେ କାନ୍ଦୁଛି ଖାଲି-ନାହିଁ କିଛି ନାହିଁ !

[ *ସିନ୍ଧୁ-ହିନ୍ଦୋଳ* ]

# ଈଦ୍ ମୋବାରକ୍

ଶତ ଯୋଜନର କେତେ ମରୁଭୂମି ସେପାରେ ଗୋ,
କେତେ ବାଲୁଚରେ ଝରାଇ ଆଖିର ଧାର ରେ ଗୋ
ବରଷକ ପରେ ଆସିଲେ ଈଦ୍ !
ଭୋକିଲାର ଦ୍ୱାରେ ସଓଗାତ୍ ବହି ରିଜ୍-ଓୟାନ୍‌ର
କଣ୍ଟକ ବନେ ଆଶ୍ୱାସ ଆଣି ଗୁଲ୍-ବାଗର୍
'ସାକୀ' ରେ 'ଜାମ୍'ର ଦେଇ ତାଗିଦ୍ ।

ଖୁସିର ପାପିଆ ପିଉ ପିଉ ଗାଏ ଦିଶା-ବିଦିଶା
ବଧୂ ଜାଗିଅଛି ନିଶୀଥ ବାସରେ ନିର୍ନିମେଷା ।
କାହିଁ ଫୁଲଦାନି, କାନ୍ଦୁଛି ଫୁଲ
ସୁଦୂର ପ୍ରବାସେ ନିଦ ନାହିଁ ଆସେ କାହା ସଖାର,
ମନେପଡ଼େ ଖାଲି ଭିଜା ମାଟି ଗଂଧ ମେଲା ଖୋଷାର,
ଆକୁଳ କରବୀ ଆଲୁଳାୟିତ

ଆଗୋ କାଲି ସଞ୍ଜର ଦ୍ୱିତୀୟା ଚାନ୍ଦ ଇସାରା କଣ
ମୁଜ୍‌ଦା ଆଣିଛି, ସୁକେ ଡଗମଗ ମୁକୁଳୀ ମନ ।
ଆଶାବରୀ ସୁରେ ଝୁରେ ସାନାଇ ।
ଅତର-ସୁବାସେ କାତର ହେଲା ଗୋ ପଥର-ଦିଲ୍,
ଦେଲେ ଦେଲେ ଆଜି ବନ୍ଧକୀ-ଦେଣା-ନାହିଁ ଦଲିଲ୍ ।
କବୁଲିୟତ୍‌ର ନାହିଁ ବଳାଇ !!
ଆଜି ଯେ ଏଜିଦେ ହାସାନେ ହୋସେନେ ଗଳାଗଳି,
ଦୋଜଖେ ଭେଶ୍‌ରେ ଫୁଲ ଓ ନିଆଁରେ ଢଳାଢଳି,
ଶିରୀ ଫର୍‌ହାଦେ ଜଡ଼ାଜଡ଼ି !
ସାପୁଣୀର ସମ ବାନ୍ଧିଛି ଲାୟଲୀ କାୟେ ସେ ଗୋ
ବାହୁର ବନ୍ଧେ ଆଖିବୁଜେ ବଧୂ ଆୟସେ ଗୋ
ଗାଲେ ଗାଲେ ଚୁମ ଗଡ଼ାଗଡ଼ି !
ଦାଉ ଦାଉ ଜ୍ୱଳେ ଆଜି ସ୍ୱର୍ଗର ଜାହାନ୍ନାମ,
ସଇତାନ ଆଜି ଭେଶରେ ମିଳାଏ ଶରାବ-ଜାମ,
ଦୁସ୍‌ମନ୍ ଦୋସ୍ତ ଏକ ଜାମାତ୍ ।

ଆଜି ଆରଫାତ୍-ମୟଦାନ ଗାଆଁରେ ଗାଆଁରେ ଯାଏ ଖୋଲି
ବାଦଶା ଫକୀର ଭାଇରେ ଭାଇରେ କୋଳାକୋଳି,
କା'ବା ଧରି ନାଚେ 'ଲାତ ମାନାତ୍' !!
ଆଜ ଇସ୍‌ଲାମୀ ଡଙ୍କା ଗରଜେ ଭରି ଜାହାନ୍,
ନାହିଁ ବଡ଼ ଛୋଟ-ସକଳ ମଣିଷ ଏକ ସମାନ
ବାଲାଖାନାରେ କେ ଆମିର ନବାବ ବାଦ୍‌ଶା କହ ?
ସକଳ କାଳର କଳଙ୍କ ତୁମେ, ଆଣିଲ ହାୟ
ଇସ୍‌ଲାମେ ତୁମେ ସନ୍ଦେହ !!
ଇସ୍‌ଲାମ ବୋଲେ, ଆମେ ସବୁ ଅଟୁଁ ସକଳ ପାଇଁ
ସୁଖ ଦୁଖ ସମଭାଗ କରିନେବୁଁ ସକଳେ ଭାଇ,
ନାହିଁ ଅଧିକାର ସଞ୍ଚୟର !
କାହା ଆଖି ଜ୍ୱଳେ କାହାର ଝାଡେକି ଦୀପ ।
ଦି ଜଣର ହେବ ବୁଲନ୍ଦ-ନସୀବ
ଲାଖ ଲାଖ ହେବେ ବଦ୍-ନସୀବ ?
ଏ ନୁହେ ବିଧାନ ଇସ୍‌ଲାମର ।
ଈଦ୍-ଉଲ୍-ଫିତର ଆଣିଅଛି ଭାଇ ନବ ବିଧାନ
ଆଗୋ ସଞ୍ଚୟୀ, ଉଦ୍‌ବୃତ୍ତ ଯାହା କରିବ ଦାନ
ହେଉ ତୁମର ସେ କ୍ଷୁଧାର ଅନ୍ନ !
ଭୋଗର ପିଆଲା ଉପୁଚ଼ି ପଡ଼ଇ ତବ ହାତରେ
ତୃଷ୍ଣାତୁରର ଭାଗ ଅଛି ସେଇ ପିଆଲାରେ
ଦେଇ ଭୋଗକର, ବୀର ଦେଦାର !
ଡକାଏତ ଆଜି ବୁକୁଖାଲି କରି ଆପଣାରେ ଦିଅ ବଢ଼ାଇ ହାତ,
ନକର ହିସାବୀ ଆଜି ହିସାବର ଅଙ୍କପାତ !
ଦିନକର କର ଭୁଲ ହିସାବ !
ଦେଲ ଦେଲ ଆଜି ଖୁନ୍-ସୁଡି କରି ଦିଲ୍‌ଲଗୀ
ଆଜି ଯେ ସାୟେଲା-ଲାୟେଲା ତୁମାରେ ଲାଲଯୋଗୀ !
ଜାମଦେଶ ଯାଚି ଯାଏ ଶରାବ !!
ପଥେ ପଥେ ଆଜି ଡାକିବି ବନ୍ଧୁ
ଈଦ୍ ମୋବାରକ ! ଆସ୍‌ସାଲାମ,
ଓଠରେ ଓଠରେ ବିତରିବି ଆଜି ଶିରଣି ଫୁଲ-କାଲାମ
ବିତରି ଦେବାର ଆଜି ଯେ ଈଦ୍ ।
ମୋ ଦାନର ଅନୁରାଗେ ରଞ୍ଜିତ 'ଈଦ୍‌ଗା'ରେ !
ସକଳର ହାତେ ଦେଇ ଦେଇ ଆଜି ଆପଣାରେ
ଦେହ ନୁହେଁ, ଦିଲ୍ ହେବ ଶହମଦ୍ !!

[ ଜିଞ୍ଜିର ]

# ଚାଲ ଚାଲ ଚାଲ
## (ବାଂଲାଦେଶର ରଣ ସଙ୍ଗୀତ)

କୋରାସ:-

ଚାଲ ଚାଲ ଚାଲ
ଊର୍ଦ୍ଧ୍ୱ ଗଗନେ ବାଜେ ମାଦଳ
ନିମ୍ନେ ଉତଲା ଧରଣୀ ତଳ
ଅରୁଣ ପ୍ରାତର ତରୁଣ ଦଳ
ଚାଲ ରେ ଚାଲ ରେ ଚାଲ
ଚାଲ ଚାଲ ଚାଲ !!

ଉଷାର ଦୁଆରେ କର ଆଘାତ
ଆମେ ଆଣିବୁରେ ନାଲି ପ୍ରଭାତ,
ଆମେ ତୁଟାଇବୁ ତିମିର ରାତ୍ର
ବାଧାର ବିନ୍ଧ୍ୟାଚଳ !

ନବ ନବୀନର ଗାଇଣ ଗାନ
ସଜୀବ କରିବୁଁ ମହା ଶ୍ମଶାନ,
ଆମେ ଦେବୁଂ ଦାନ ନୂତନ ପ୍ରାଣ,
ବାହୁରେ ନବୀନ ବଳ !

ଚାଲ ରେ ନୂଆ ଯୁଆନ୍
ଶୁଣ୍‌ରେ ପାତି ତୋ କାନ୍
ମୃତ୍ୟୁ ତୋରଣ ଦୁଆରେ ଦୁଆରେ
ଜୀବନର ଆହ୍ୱାନ ।

ଭାଙ୍ଗରେ ଭାଙ୍ଗ ଅର୍ଗଳ
ଚାଲ୍ ରେ ଚାଲ୍ ରେ ଚାଲ୍
ଚାଲ ଚାଲ ଚାଲ ।

ଊର୍ଦ୍ଧ୍ୱେ ଆଦେଶ ଦେଉଛି ବାଜ
ସହିଦୀ ଈଦର ସେନା ହେ ସାଜ
ଦିଗେ ଦିଗେ ଚଳେ କୁଚ୍ କାଓ୍ୱାଜ
ଖୋଲ୍ ରେ ନିଜ ମହଲ ।

କେବେ ସେ ଖିଆଲୀ ବାଦ୍‌ଶାହୀ
ସେହି ସେ ଅତୀତେ ଆଜି ଚାହିଁ
ଯାଆ ମୁସାଫିର ଗାନ ଗାଇ
ପୋଛି ଅଶ୍ରୁର ଜଳ !

ଥାଉରେ ତଖ୍‌ତ୍‌-ତାଉସ୍
ଜାଗରେ ଜାଗ ବେହୋସ୍
ଡୁବିଲାରେ ଦେଖ କେତେ ପାରସ୍ୟ
କେତେ ରୋମ ଗ୍ରୀସ୍ ଋଷ୍ ।
ଜାଗିଲେ ସେହି ସକଳ,
ଜାଗି ଉଠ ହୀନ ବଳ !
ଆମେ ରେ ଗଢ଼ିବୁ ନୂତନ କରିଣ
ଧୂଳିର ତାଜ୍‌ମହଲ ।
ଚାଲ ଚାଲ ଚାଲ ।

କୋ'ରାସ:-

[ *ସନ୍ଧ୍ୟା* ]

# ଜାଗରଣ

ଚାହିଁ ଯେଉଁମାନେ ଶୋଇଥାଆନ୍ତି ତାଙ୍କ ଦୁଆରେ ଆସି
ଆରେ ପାଗଳ, ଆଉ କେତେଦିନ ବଜାଇବୁ ତୋର ବଂଶୀ !
ଶୁଅନ୍ତି ଯିଏ ମଖମଲ୍‌ର ଏ କୋମଳ ଶଯ୍ୟା ପାତି
ଅନେକ ଆଗରୁ ଭୋର ହୋଇଅଛି ତାଙ୍କ ଦୁଃଖ ରାତି !
ଆରାମ-ସୁଖର ନିଦ୍ରା ତାଙ୍କ, ତୋର ଏ ଜାଗର ଗାନ
ଛୁଇଁବ ନାହିଁରେ ପ୍ରାଣ ତାଙ୍କରି ଯଦିଓ ବା ଛୁଏଁ କାନ !

ନିର୍ଭୟ ଏଇ ସୁଖର କୂଳରେ ବାନ୍ଧିଲେ ଯିଏ ଘର,
ଆଉଥରେ ଯିବେନାଇ ସେଇମାନେ ଭୟର ସାଗର ପାର !
ଭିତର ପାଖରୁ ଯାର ଅର୍ଗଳ ଶକ୍ତ କରିଣ ଭିଡ଼ା,
ଦୁଆର ଖୋଲ ଗୋ' ବୋଲି ତାଙ୍କର ଦୁଆରେ ମିଥ୍ୟା ଛିଡା !
ଭୁଲରେ ଏ ପଥ ଭୁଲ,
ଶାନ୍ତି ପୁରରେ ଶୁଣିବ କିଏ ତୋ ଜାଗର-ଡଙ୍କା ରୋଳ !

ବ୍ୟଥାତୁରର କ୍ରନ୍ଦନ ପଛେ ଶାନ୍ତି ଭାଙ୍ଗେ ଆସି
ତେଣୁ ଯେଉଁମାନେ ଖାଇ ନିଦର ଅଫିମ ସର୍ବନାଶୀ
ନିଦରେ ରହିଛି ପଡ଼ି ନିତ୍ୟ ସେ ସେ ନିଦ-ପୁରରେ ଆସି
ନୂତନ କରି ବଜାରେ ତୋର ନୂତନ ସୁରର ବଂଶୀ ।
ନିଶାର ଜୋରରେ ଜାଣେ ନାହିଁ ହାୟ ରହନ୍ତି କାହିଁ ପଡ଼ି,
ଗଳାରେ ତାଙ୍କ ଚଳାଏ ଛୁରୀ ବୁକୁରେ କେହିବା ଚଢ଼ି,
ଯାଙ୍କ କାନରେ ମନ୍ତ୍ର ଦିଅରେ ଏମାନଙ୍କୁ ତୁ ବୁଝା
ଏଇମାନେ ପୁଣି କରନ୍ତି ପାରି ବଙ୍କା କପାଳ ସିଧା !
କର୍ଷଣେ ଯାର ପାତାଳର ଠାରୁ ଅନୁର୍ବର ଏ ଧରା
ଫୁଲ-ଫସଲର ଅର୍ଘ୍ୟ ନେଇଆସେ ଅଞ୍ଚଳ ଭରା,
କିଏ ସେ ଦାନବ ହରଣ କରେ ସେ ଦେବ-ପୂଜାର ଫୁଲ-
ଜଗାଇଦେ ତୁ ମନ୍ତ୍ର-ଋଷି ଭାଙ୍ଗ ତାଙ୍କ ଭୁଲ ।

ବର୍ବର ସବୁ ଅନୁର୍ବର ଏ ହୃଦୟ-ମରୁ ଚଷେ
ଫଳ ଫଳାଇ ପାରେ ସେଇ ଏକା ଫେର୍ ଯାଇ ଘରେ ବସେ ।
ବାଘ ଭଲ୍ଲୁକ ଆଶା ଭାଙ୍ଗି ନଗର ବସାଏ ଯିଏ
ରସାତଳେ ଯାଇ ପଶିବ ସେ ପୁଣି ମଣିଷ-ପଶୁର ଭୟେ ?

ତାହାରି ଦ୍ୱାରା ବିତାଡ଼ିତ ଏ ବନ୍ୟ ପଶୁ ଆଜି,
ମଣିଷ-ମୁଖା ପିନ୍ଧି ହୋଇଛି ସଭ୍ୟ-ସାଜରେ ସାଜି !
ଟାଣି ଭାଙ୍ଗରେ ମୁଖା ତାଙ୍କରି ନଖର ଦନ୍ତ ନେଇ
ବାହାରି ଆସୁରେ ମନର ପଶୁ ବନର ପଶୁ ହୋଇ ।

ସେ ହିଁ ଦାନବ ଅତ୍ୟାଚାରୀ-ଯିଏ ରେ ମଣିଷ ମାରେ
ସଭ୍ୟ ବେଶୀ ଭଣ୍ଡ ପଶୁ ମାରି ଡରାଉ କାହାରେ ?
ଏତେଦିନ ଯେ ହଜାର ପାପର ବୀଜ ହୋଇଛି ବୁଣା
ତାହା କାଟିବାର ଆଜି ଯେ ସମୟ-ଏଇ ବାଣୀ ଆଜି ଶୁଣା ।
ନୂତନ ଯୁଗର ନୂତନ ନକୀବ, ବଜା ନୂତନ ବଂଶୀ
ସ୍ୱର୍ଗରାଣୀ ହେବ ଏଇଥର ମାଟିର ମାଆର ଦାସୀ ।

# ଏକ ବୃନ୍ତରେ ଆମେ ଦୁଇ ଫୁଲ
## (ଭୈରବୀ - ଏକତାଲୀ)

ଏକ ବୃନ୍ତରେ ଆମେ ଦୁଇଫୁଲ ହିନ୍ଦୁ ମୁସଲମାନ ।
ମୁସଲିମ ତା'ର ନୟନ-ମଣି, ହିନ୍ଦୁ ତାହାର ପ୍ରାଣ !!
ଏକ ସେ ଆକାଶ ମାଆର କୋଳେ
ଯଥା ରବି ଶଶି ଦୋଳେ,
ଏକ ରକ୍ତ ବୁକୁର ତଳେ, ଏକ ସେ ନାଡ଼ୀର ଟାଣ !!

ଏକ ସେ ଦେଶର ପବନ ପିଉ, ଏକ ସେ ଦେଶର ଜଳ,
ଏକ ସେ ମାଆର ବକ୍ଷରେ ଫଳେ ଏକା ଫୁଲ ଆଉ ଫଳ !
ଏକ ସେ ଦେଶର ମାଟି ରେ ପାଇ
କେ ପାଏ କବର ଶ୍ମଶାନ କେହି
ଆମେ ଗୋଟିଏ ଭାଷାରେ ମାଆକୁ ଡାକୁଁ ଏକ ସୁରେ ଗାଉଁ ଗାନ !!

ଚିହ୍ନି ନେଏ ରେ ଅନ୍ଧାର ରାତେ ଆମେ କରୁଁ ହଣାହଣି
ସକାଳ ହୋଇଲେ ହେବରେ ଭାଇ ! ଭାଇଭାଇ ଜଣାଜଣି !
କାନ୍ଦିବା ତେବେ ଧରି ଗଳାରେ
ମାଗିବା କ୍ଷମା ପରସ୍ପରେ
ହସିବା ସେଦିନ ଗରବରେ ଭରି ଏଇ ଯେ ହିନ୍ଦୁସ୍ଥାନ !!

Indian I... SHIMLA
117829
21.12.04

'ସବୁରି ଉପରେ ମଣିଷ ସତ୍ୟ'ର ପୁରୋହିତ କବି କାଜି ନଜରୁଲ୍ ଇସ୍‌ଲାମ୍ ଧର୍ମ, ସମାଜ, ଶାସନ, ସଂସ୍କୃତି ପରିପ୍ରେକ୍ଷୀରେ ମଣିଷର କାୟେମି ସତ୍ତ୍ୱ ଏବଂ ଦାୟଭାଗ ପାଇଁ ବିଦ୍ରୋହର ଯେଉଁ ସାମ୍ୟମନ୍ତ୍ର ଉଚ୍ଚାରଣ କରିଗଲେ ତାହା ପରାଧୀନ ଭାରତ ବର୍ଷର ଅମଲା ତନ୍ତ୍ରର ଆଧାର-ଶିଳାରେ ବିଦ୍ୟୁତ୍ କମ୍ପନ ସୃଷ୍ଟି କରିଥିଲା । ସେ ମନ୍ତ୍ରର ଧ୍ୱନି ତରଙ୍ଗ ଏବେ ସୁଦ୍ଧା ଦେଶେ ଦେଶେ ନନ୍ଦିତ କରି ମନ୍ଦ୍ରିତ ।

'ସର୍ବହରା', 'ଅଗ୍ନିବୀଣା', 'ପ୍ରଳୟୋଲ୍ଲାସ', 'ବିଷେର ବାଁଶୀ', 'ଛାୟାନଟ' ପ୍ରମୁଖ ଏଇ ସ୍ରଷ୍ଟାଙ୍କର କବିତା ଗ୍ରନ୍ଥ ତାଙ୍କର ସ୍ୱାକ୍ଷରରେ ଅଗ୍ନିବର୍ଣ୍ଣ ।

ଶବ୍ଦ, ଛନ୍ଦ ଓ ଲୟର ଭାରସାମ୍ୟ ରଖି ନଜରୁଲ୍ କବିତା ସଂଗ୍ରହର ସାର୍ଥକ ଅନୁବାଦ କରିଛନ୍ତି ପ୍ରଗତିପନ୍ଥୀ କବି ବିନୋଦଚନ୍ଦ୍ର ନାୟକ । ତାଙ୍କର 'ସରୀସୃପ' କବିତା ଗ୍ରନ୍ଥ ପାଇଁ ୧୯୭୦ରେ ସେ ସାହିତ୍ୟ ଅକାଦେମି ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

ISBN : 81-260-1228-5

ମୂଲ୍ୟ : ୪୫ଟଙ୍କା